ବର୍ଷ-୨୬, ସଂଖ୍ୟା-୧୮୬
ଭୁବନେଶ୍ୱର
୧୨, ଜୁଲାଇ, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 186
Bhubaneswar
12, July, 2026, Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ବୁଝାମଣା



ଭୁବନେଶ୍ୱର,୧୧।୭(ମହାଭାରତ): ସ୍ଥାୟୀ ସହରୀକରଣ ଏବଂ ଜଳବାୟୁ-ସହନଶୀଳ ଭିତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ,ଶନିବାର ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ 'ସେଂଟର ଅଫ୍ ଏକ୍ସଲେନ୍ସ ଅନ୍ ଲୋ କାର୍ବନ କନ୍ସଟ୍ରକ୍ସନ ମ୍ୟାଟେରିଆଲ୍ସ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଂଟ' ପ୍ରତିଷ୍ଠା ପାଇଁ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଓଡ଼ିଶା ଅର୍ବାନ ଏକାଡେମୀ , ଆଇଆଇଟି ଭୁବନେଶ୍ୱର ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ସୁଭେନ୍ଦୁ ସାହୁ, ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ପ୍ରଫେସର ଦିନକର ପାସଲା ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସର ସିଇଓ ଶାଶ୍ୱତ ପାଟରା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ବୁଝାମଣା ପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ,ସହରୀ ବିକାଶ କେବଳ ଭୌତିକ ଭିତିଭୂମି ନିର୍ମାଣ ମଧ୍ୟରେ ସୀମିତ ନରହି, ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନସାଧାରଣ ଭିତିଭୂମି ଏବଂ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଚିତ । ଏହି 'ସେଂଟର ଅଫ୍ ଏକ୍ସଲେନ୍ସ'କୁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହା ରାଜ୍ୟରେ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବା ପାଇଁ ଜ୍ଞାନ ଏବଂ ନବୋନ୍ମେଷର ଏକ ପ୍ରମୁଖ କେନ୍ଦ୍ର ସାଜିବ । ଏହାର ପ୍ରଥମ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଏହି ସେଂଟର ଅଫ୍ ଏକ୍ସଲେନ୍ସ ଦ୍ରୁତ ଗତିରେ ସହରୀକରଣ ହେଉଥିବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ ଏବଂ ପିପିଲି କ୍ଲଷ୍ଟର ପାଇଁ 'ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା' ପରିଚାଳନା ନିମନ୍ତେ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିବ । ଏହି ପ୍ରକଳ୍ପ ଅନ୍ତର୍ଗତ ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା ସୃଷ୍ଟିର ବୈଜ୍ଞାନିକ ମୂଲ୍ୟାଙ୍କନ, ଏକ ସମନ୍ୱିତ ବର୍ଜ୍ୟବସ୍ତୁ ପରିଚାଳନା କୌଶଳ ପ୍ରସ୍ତୁତି, ଅଭିନବ ପ୍ରଯୁକ୍ତିବିଦ୍ୟାର ପ୍ରସାର, ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି ଏବଂ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ।

## ଓଡ଼ିଶାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବଡ଼ ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୧୧।୭(ମହାଭାରତ): ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାର ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାଠାରେ ନିର୍ମାଣାଧୀନ ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀର ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୨ ହଜାର କୋଟି ଟଙ୍କା ବିନିଯୋଗ ପ୍ରସ୍ତାବ ଦେଇଛି। ଏହାଫଳରେ ପ୍ରକଳ୍ପର ମୋଟ ବିନିଯୋଗ ପ୍ରାୟ ୨୦ ହଜାର କୋଟି ଟଙ୍କାରେ ପହଂଚିବ। ଏହି ପ୍ରସ୍ତାବକୁ ନେଇ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍ ର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶାରେ ଗ୍ରୁପ୍ ର ଚାଲୁଥିବା ଓ ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରାଯିବା ସହ ସେଗୁଡ଼ିକର ଶୀଘ୍ର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ସହଯୋଗ ଉପରେ ଆଲୋଚନା କରାଯାଇଥିଲା। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ବିକଶିତ ହେଉଥିବା ଏହି ଆଲୁମିନା ରିଫାଇନାରୀର ପ୍ରାରମ୍ଭିକ କ୍ଷମତା ବାର୍ଷିକ ୧ ନିୟୁତ ଟନ୍ (୧ ଏମଟିପିଏ) ରଖାଯାଇଥିଲା, ଯେଉଁଥିରେ ପ୍ରାୟ ୮ ହଜାର କୋଟି ଟଙ୍କା ବିନିଯୋଗ ହେବାର ଯୋଜନା ଥିଲା। ନୂତନ ପ୍ରସ୍ତାବ ଅନୁସାରେ ଏଥିରେ ଅତିରିକ୍ତ ୨ ଏମଟିପିଏ କ୍ଷମତା ଯୋଡ଼ାଯିବ, ଫଳରେ ରିଫାଇନାରୀର ମୋଟ ଉତ୍ପାଦନ କ୍ଷମତା ୩ ଏମଟିପିଏକୁ ବୃଦ୍ଧି ପାଇବ।

ରାଜ୍ୟ ସରକାରଙ୍କ କହିବା ଅନୁସାରେ, ଏହି ସମ୍ପ୍ରସାରଣ ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟାରେ ରୋଜଗାର



ସୃଷ୍ଟି ହେବ। ଏହା ସହିତ ସ୍ଥାନୀୟ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ଡାଉନ୍ ଷ୍ଟ୍ରିମ୍ ମାନୁଫାକଚରିଂ ଶିଳ୍ପର ବିକାଶକୁ ମଧ୍ୟ ଗତି ମିଳିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିବେଶ ପ୍ରସ୍ତାବକୁ ସ୍ୱାଗତ କରି କହିଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦର ସର୍ବାଧିକ ଲାଭ ରାଜ୍ୟରେ ମୂଲ୍ୟଯୁକ୍ତ ଉତ୍ପାଦନ, ଉନ୍ନତ ଶିଳ୍ପାୟନ ଓ ଗୁଣାତ୍ମକ ରୋଜଗାର ସୃଷ୍ଟି ମାଧ୍ୟମରେ ପ୍ରତିଫଳିତ ହେବା ଆବଶ୍ୟକ। ଆଲୁମିନିୟମ କ୍ଷେତ୍ର ରାଜ୍ୟର ଶିଳ୍ପ ଉନ୍ନୟନ ନୀତିର ଏକ ପ୍ରମୁଖ ସ୍ତମ୍ଭ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ପାଇଁ ଜମି, ଭିତିଭୂମି, ବିଦ୍ୟୁତ, ଜଳ, ଆଇନଗତ ଅନୁମୋଦନ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦେବାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗର ଆଶ୍ୱାସନ ଦେଇଥିଲେ। ବୈଠକରେ ଆଦିତ୍ୟ ବିର୍ଲା ଗ୍ରୁପ୍ ର ଆଲୁମିନିୟମ, ଆଲୁମିନା, ରସାୟନ, ସିମେଂଟ, ନବୀକରଣଯୋଗ୍ୟ ଶକ୍ତି, ବୟନ ଓ ପୋଷାକ କ୍ଷେତ୍ରରେ ଚାଲୁଥିବା ଏବଂ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହାଛଡ଼ା କପର ରିଫାଇନିଂ, କପର କ୍ଲାଡ୍ ଲାମିନେଟ୍, ପ୍ରିଣ୍ଟେଡ୍ ସର୍କିଟ ବୋର୍ଡ, ଟେକ୍ନିକାଲ୍ ଟେକ୍ସଟାଇଲ୍, ପେଣ୍ଟ, ଅଳଙ୍କାର ଉତ୍ପାଦନ ଏବଂ ଉନ୍ନତ ଆଲୁମିନିୟମ ଉତ୍ପାଦ କ୍ଷେତ୍ରରେ ଭବିଷ୍ୟତ ନିବେଶ ସମ୍ଭାବନା ଉପରେ ମଧ୍ୟ ଆଲୋଚନା ହୋଇଥିଲା। କଂସାରୀଗୁଡ଼ା ଆଲୁମିନା ରିଫାଇନାରୀର ଏହି ସମ୍ପ୍ରସାରଣ ପ୍ରକଳ୍ପ ଓଡ଼ିଶାକୁ ଦେଶର ଧାତୁ, ଖଣିଜ ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ କ୍ଷେତ୍ରର ଏକ ଅଗ୍ରଣୀ ଶିଳ୍ପ ହବ୍ ଭାବେ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ପାଠ୍ୟ ପୁସ୍ତକରେ ତ୍ରୁଟିର ଅପରାଧିକ ତଦନ୍ତ ହେବ



ଭୁବନେଶ୍ୱର,୧୧।୭ (ମହାଭାରତ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ସମଗ୍ର ପ୍ରକ୍ରିୟା ଉପରେ ଅପରାଧିକ ତଦନ୍ତ (କ୍ରିମିନାଲ ଇନଭେଷ୍ଟିଗେସନ୍) କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସ୍ୱତନ୍ତ୍ର ଭାବେ କ୍ରାଇମ ବ୍ରାଂଚ ଏସ୍.ପି.ଙ୍କ ନିକଟରେ ଏଫଆଇଆର ଦାୟର କରିବାକୁ ଏସସିଇଆରଟି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଅନୁଯାୟୀ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ପାଇଖାନା ଟାଙ୍କିରେ ପଡ଼ି ୨ଶ୍ରମିକ ମୃତ

ଭୁବନେଶ୍ୱର,୧୧।୭(ମହାଭାରତ): ଭୁବନେଶ୍ୱର ବିଜେବି ନଗରରେ ପାଇଖାନା ଟାଙ୍କିରେ ପଡ଼ି ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ବିଜେବି ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ନିର୍ମାଣାଧୀନ ପାଇଖାନା ଟାଙ୍କି ଭୁଷୁଡି ପଡିବାରୁ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା । ତେବେ ସେମାନଙ୍କର ମୃତ୍ୟୁ ଘଟିଛି।

### ରାଲିରେ ସ୍କୁଲ ପିଲା ସାମିଲ ମାମଲା

## ବିଜେଡି ନେତାଙ୍କୁ ନୋଟିସ୍

ଭୁବନେଶ୍ୱର,୧୧।୭(ମହାଭାରତ): ଝାରସୁଗୁଡ଼ାରେ ସ୍କୁଲ ପିଲାଙ୍କୁ ବିଜେଡି ରାଲିରେ ସାମିଲ କରାଯିବା ଘଟଣାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଓଏସପିସିଆର)ଙ୍କ ତରଫରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନୋଟିସ୍ ଜାରି କରାଯାଇଛି। ନବୀନଙ୍କ ସହ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଦୀପାଳି ଦାସ ଏବଂ ବିଜେଡି ଛାତ୍ର ସଂଗଠନ ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ମଧ୍ୟ ନୋଟିସ ଜାରି ହୋଇଛି। ସେହିପରି ୭ ଦିନ ଭିତରେ ଆକ୍ସନ ଟେକେନ ରିପୋର୍ଟ ଦେବାକୁ



ଝାରସୁଗୁଡା ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଏସପିସିଆର କହିଛନ୍ତି ୟୁନିଫର୍ମ ପିନ୍ଧି ସ୍କୁଲ୍ ପିଲା ରାଲିକୁ ଆସିବା ଅପରାଧ। ଏଥିପାଇଁ ସମ୍ପୃକ୍ତ ସ୍କୁଲ୍ ର ପ୍ରାଧାନ ଶିକ୍ଷକ ମଧ୍ୟ ଉତରଦାୟୀ। ଏସବୁ ରାଲିରେ ସ୍କୁଲ ପିଲା ସାମିଲ ହେଲେ ଜୀବନ ପ୍ରତି ବିପଦ ରହିଛି। ସୂଚନାଯୋଗ୍ୟ ଯେ ସ୍କୁଲ ପାଠ୍ୟକ୍ରମରେ ତ୍ରୁଟି ପ୍ରସଙ୍ଗରେ ଝାରସୁଗୁଡାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରାରେ ସ୍କୁଲ ପିଲା ସାମିଲ ହୋଇଥିବା ଚିତ୍ର ସାମ୍ନାକୁ ଆସିଥିଲା।

## ଭାରତ ବିଶ୍ୱ ଅଭିବୃଦ୍ଧିର ଏକ ଲଞ୍ଚ୍ ପ୍ୟାଡ୍

ଅକଲ୍ୟାଣ୍ଡ,୧୧।୭(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି ଯେ ଭାରତ କେବଳ ଏକ ବଡ଼ ବଜାର ନୁହେଁ ବରଂ ବିଶ୍ୱ ଅଭିବୃଦ୍ଧିର ଏକ 'ଲଞ୍ଚପ୍ୟାଡ୍' ରେ ପରିଣତ ହୋଇଛି। ଭାରତର ଅଭିବୃଦ୍ଧି ଯାତ୍ରାରେ ଅଂଶୀଦାର ହେବା ଲାଗି ନ୍ୟୁଜିଲାଣ୍ଡ ଶିଳ୍ପ ଜଗତକୁ ଆହ୍ୱାନ କରି ସେ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଦ୍ୱାରା ବାଣିଜ୍ୟ, ନିବେଶ, ପ୍ରଯୁକ୍ତି, ସେବା ଏବଂ ପ୍ରତିଭା ବିନିମୟ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ।

ଅକଲ୍ୟାଣ୍ଡରେ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ସହ ଉଭୟ ଦେଶର ଅଗ୍ରଣୀ ବ୍ୟବସାୟୀ ଏବଂ ସିଇଓମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ, ବିବିଧତା ଏବଂ ନିରନ୍ତର ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ଆବଦ୍ଧ। ଏହି ଫାଉଣ୍ଡେସନ ଦୁଇ ଦେଶର ଆର୍ଥିକ ଭାଗିଦାରୀକୁ ନୂତନ ଉଚ୍ଚତାକୁ ନେଇଯିବ।



ସେ କହିଥିଲେ ଯେ ଦୁଇ ଦେଶ ମାତ୍ର ନଅ ମାସର ରେକର୍ଡ ସମୟ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଉଲ୍ଲେଖନୀୟ ସଫଳତା। ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଦୁଇ ଦେଶ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୭ ବିଲିୟନ ଆମେରିକୀୟ ଡଲାର (ପାଖାପାଖି ୩୫,୦୦୦ କୋଟି ଟଙ୍କା) କୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ହାସଲ କରିବେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ବିଲିୟନ ଡଲାର ନିବେଶ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଏହା କେବଳ ଏକ ନିବେଶ ନୁହେଁ, ବରଂ ଭାରତର ବିକାଶ ଯାତ୍ରାରେ ଏକ ଅଂଶୀଦାର ହେବାର ସଂକଳ୍ପ ମଧ୍ୟ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ହେଉଛି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥା। ଦେଶର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମଧ୍ୟବିତ୍ତ ବର୍ଗ, ଡିଜିଟାଲ ବିପ୍ଳବ, ଆଧୁନିକ ଭିତ୍ତିଭୂମି, କୁଶଳୀ ଯୁବ ଶ୍ରମଶକ୍ତି ଏବଂ ନିରନ୍ତର ଆର୍ଥିକ ସଂସ୍କାର ନିବେଶକମାନଙ୍କ ପାଇଁ ଅଭୂତପୂର୍ବ ସୁଯୋଗ ପ୍ରଦାନ କରୁଛି। ସେ କହିଥିଲେ ଯେ ନୀତିଗତ ସ୍ଥିରତା, ରାଜନୈତିକ ସ୍ଥିରତା ଏବଂ ଭାରତର ନିରନ୍ତର ଅଭିବୃଦ୍ଧି ଏହାକୁ ବିଶ୍ୱ ଆର୍ଥିକ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନରେ ପରିଣତ କରିଛି।

ବିଶ୍ୱକୁ ବାର୍ତ୍ତା ସ୍ପଷ୍ଟ-ଭାରତ କେବଳ ଏକ ବଜାର ନୁହେଁ, ବରଂ ବିଶ୍ୱ ଅଭିବୃଦ୍ଧି ପାଇଁ ଏକ ଲଞ୍ଚ୍ ପ୍ୟାଡ୍

ଉତ୍ପାଦନ ସହ ଜଡ଼ିତ ପ୍ରୋତ୍ସାହନ (ପିଏଲଆଇ) ଯୋଜନାର ଲାଭ ଉଠାଇବା ଲାଗି ଶିଳ୍ପ ଜଗତକୁ ଅନୁରୋଧ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ବୟନ ଶିଳ୍ପ ପର୍ଯ୍ୟନ୍ତ ୧୪ଟି କ୍ଷେତ୍ରରେ ପାଖାପାଖି ୨୦ ବିଲିୟନ ଡଲାର ମୂଲ୍ୟର ପ୍ରୋତ୍ସାହନ ଦିଆଯାଉଛି। ସେ ନ୍ୟୁଜିଲ୍ୟାଣ୍ଡର କମ୍ପାନୀମାନଙ୍କୁ ଭାରତର ଉତ୍ପାଦନ କ୍ଷେତ୍ରର ଏକ ଅଂଶ ହେବାକୁ ଆହ୍ୱାନ କରିଥିଲେ।

## ବୋଟ ବୁଡ଼ିଯିବାରୁ ୧୫ ଭାରତୀୟ ମୃତ



ନୂଆଦିଲ୍ଲୀ,୧୧।୭(ମହାଭାରତ): ଭିଏତନାମର ସର୍ବବୃହତ ଦ୍ୱୀପ ଫୁ କ୍ୱକରେ ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍ପିଡବୋଟ୍ ବୁଡ଼ିଯିବାରୁ ୧୫ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଛି । ଭିଏତନାମରେ ଥିବା ଭାରତୀୟ ଦୂତାବାସ କହିଛି ଯେ, ଏହା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି ଓ ପରିସ୍ଥିତି ଉପରେ କଡ଼ା ନଜର ରଖିଛି । ଭିଏତନାମ କର୍ତ୍ତୃପକ୍ଷ କହିଛନ୍ତି, ପ୍ରବଳ ପବନ ଓ ଉଚ୍ଚ ଢେଉ ଯୋଗୁଁ ସ୍ପିଡ ବୋଟ୍‌ଟି ଓଲଟି ପଡ଼ିଥାଇପାରେ।

ଭିଏତନାମର ସର୍ବବୃହତ ଦ୍ୱୀପ ଫୁ କ୍ୱକର ହାନ୍ ମେ ରୁଟ୍ ଏନଗୋଇ ନିକଟରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଓ ୪ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ଏକ ସ୍ପିଡ୍ ବୋଟ୍ ଶନିବାର ବୁଡ଼ି ଯାଇଥିଲା। ଫୁ କ୍ୱକ୍ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରର କର୍ତ୍ତୃପକ୍ଷଙ୍କ ପ୍ରାରମ୍ଭିକ ସୂଚନା ଅନୁସାରେ, ଅପରାହ୍ଣ ପ୍ରାୟ ୧ଟାରେ, ଓସେନ୍ ପିଅର୍ ଆଇଲ୍ୟାଣ୍ଡ୍ କମ୍ପାନୀ ଦ୍ୱାରା ପରିଚାଳିତ ସ୍ପିଡ୍‌ବୋଟ୍ ପର୍ଯ୍ୟଟକମାନଙ୍କୁ ଫୁ କ୍ୱକ୍ ବନ୍ଦରରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଆନ୍ ଥୋଇ ବନ୍ଦରକୁ ନେଇଯାଉଥିଲା। ତେବେ ସମୁଦ୍ର ଅଶାନ୍ତ ଥିବାରୁ ଏହା ହାନ୍ ମେ ରୁଟ୍ ଏନ୍‌ଗୋଇଠାରୁ ପ୍ରାୟ ୪୦୦ ମିଟର ଦୂରରେ ଓଲଟି ପଡ଼ିଥିଲା ଓ ବୋଟ୍‌ରେ ଥିବା ସମସ୍ତ ଯାତ୍ରୀ ସମୁଦ୍ରରେ ବୁଡି ଯାଇଥିଲେ। ସୀମା ସୁରକ୍ଷା ବାହିନୀ, ନୌସେନା, ତଟରକ୍ଷୀ ବାହିନୀ ଓ ଅନ୍ୟାନ୍ୟ ଉଦ୍ଧାର ଦଳ ଉଦ୍ଧାରକାର୍ଯ୍ୟ ପାଇଁ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ଡଙ୍ଗାଧରି ଉଦ୍ଧାର କରିବାକୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅନେକ ପର୍ଯ୍ୟଟକ ଡଙ୍ଗା ତଳେ ଚାପି ହୋଇ ରହିଛନ୍ତି।

## ରଥଯାତ୍ରାରେ ୮ ସ୍ଥାନରେ ନୂତନ ପାର୍କିଂସ୍ଥଳ

ଭୁବନେଶ୍ୱର,୧୧।୭(ମହାଭାରତ): ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ତ୍ରୁଟି ଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ଶନିବାର ପୂର୍ବାହ୍ନରେ ପୁରୀସ୍ଥିତ ଟାଉନ୍ ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ମତବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ୮ଟି ସ୍ଥାନରେ ନୂତନ ପାର୍କିଂସ୍ଥଳ ପ୍ରସ୍ତୁତ କରାଯାଇଛି। ଭକ୍ତଙ୍କୁ ଉପଯୁକ୍ତ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଭକ୍ତଙ୍କ ପ୍ରତି ସହନଶୀଳ ମନୋଭାବ ପ୍ରଦର୍ଶନ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଅଘଟଣ ମୁକ୍ତ ରଥଟଣା ଏବଂ ରଥଯାତ୍ରା ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ଡିଜିପି କହିଛନ୍ତି । ଉତରା ଛକରୁ ଆରମ୍ଭ କରି ପୁରୀ ,ପୁରୀ -କୋଣାର୍କ ରୋଡ ସହିତ ସହରର ବିଭିନ୍ନ ଛକରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଭକ୍ତଙ୍କୁ ଟ୍ରାଫିକ



ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି।

ନିର୍ଦ୍ଦେଶକ (ଗୁଇନ୍ଦା) ଶ୍ରୀ ଆର ପି. କୋଚେ ଟ୍ରାଫିକ୍ ନିୟନ୍ତ୍ରଣ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗମନାଗମନ, ଭିଡ଼ ନିୟନ୍ତ୍ରଣ ଏବଂ କର୍ଡନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସମନ୍ୱିତ କରିବା ପାଇଁ କାର୍ଯ୍ୟରତ ସମସ୍ତ ଅଧିକାରୀମାନଙ୍କୁ ନିଜ ନିଜ ମଧ୍ୟରେ ନିରନ୍ତର ଯୋଗାଯୋଗ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ କର୍ମଚାରୀଙ୍କୁ ସେବା ମନୋବୃତି ନେଇ କାର୍ଯ୍ୟ ସମ୍ପାଦନ କରିବା ସହ ଭକ୍ତମାନଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ, ଭଦ୍ର ବ୍ୟବହାର ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କର୍ତବ୍ୟର ନିଷ୍ଠାପୂର୍ଣ୍ଣ ସମ୍ପାଦନକୁ ସର୍ବୋଚ୍ଚ ଦାୟିତ୍ୱ ଭାବେ ଗ୍ରହଣ କରିବା ସହ କୌଣସି ପରିସ୍ଥିତିରେ ମଧ୍ୟ ନିଜ ନିର୍ଦ୍ଧାରିତ ଡ୍ୟୁଟି ସ୍ଥଳ ଛାଡ଼ି ନଯିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତିକୂଳ ପାଗ ପରିସ୍ଥିତି ଉପୁଜିଲେ ମଧ୍ୟ କର୍ମଚାରୀମାନେ ନିଜ ଦାୟିତ୍ୱ ପ୍ରତି ଅଟଳ ରହି ଶୃଙ୍ଖଳାର ସହିତ କର୍ତବ୍ୟ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି ।ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ସମାଗମକୁ ଲକ୍ଷ୍ୟ କରି ଭିଡ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରତିଟି ଭକ୍ତ ଯେମିତି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ଯତ୍ନବାନ୍ ହେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର କହିଥିଲେ ଯେ, ଟ୍ରାଫିକ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଭିଆଇପି ଗସ୍ତ ଓ ଜନସାଧାରଣଙ୍କ ସୁରକ୍ଷା ପରସ୍ପର ସହ ଜଡ଼ିତ ।ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାର, ଆଇଜିପି (କ୍ରାଇମବ୍ରାଂଚ) ଡ଼ଃ ସାର୍ଥକ ଷଡ଼ଙ୍ଗୀ, ଆଇଜିପି (ଅପରେସନ) ଡ଼ଃ ଦୀପକ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଆଇଜି (ଉତର-କେନ୍ଦ୍ରାଂଚଳ) ସତ୍ୟବ୍ରତ ଭୋଇ, ଡିଆଇଜିପି (ପ୍ରୋଭିଜନିଂ)ଚରଣ ସିଂ ମିନା, ଡିଆଇଜିପି (ଏସ୍‌ଟିଏଫ୍) କେ. ବିଶାଲ ସିଂହ, ଡିଆଇଜିପି (ପୂର୍ବାଂଚଳ) ପିନାକ ମିଶ୍ର ଉପସ୍ଥିତ ଥିଲେ।

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

# ସୂର୍ଯ୍ୟାସ୍ତ ପରେ କେଉଁ କାର୍ଯ୍ୟ ବର୍ଜନୀୟ



ହିନ୍ଦୁ ଧର୍ମରେ ଶାସ୍ତ୍ର ଅନୁଯାୟୀ କେତୋଟି କାର୍ଯ୍ୟ ସୂର୍ଯ୍ୟାସ୍ତ ପରେ କରିବା ଉଚିତ ନୁହେଁ। ପୌରାଣିକ ମାନ୍ୟତା ଅନୁଯାୟୀ, ଜ୍ୟୋତିଷ ଶାସ୍ତ୍ରରେ ଏପରି କେତେକ କଥା ବର୍ଣ୍ଣନା କରାଯାଇଛି, ଯାହାକୁ ବର୍ତ୍ତମାନ ସମୟରେ ମଧ୍ୟ ଲୋକେ ପାଳନ କରିଥାଆନ୍ତି। ସନ୍ଧ୍ୟା ପରେ କରୁଥିବା ଏହି ବର୍ଜନୀୟ କାର୍ଯ୍ୟ କରିବା ଦ୍ୱାରା ମା'ଲକ୍ଷ୍ମୀ କ୍ରୋଧ କରିବା ସହ ଜୀବନରେ ବହୁ ବାଧାବିଘ୍ନ ମଧ୍ୟ ସୃଷ୍ଟି ହୋଇଥାଏ। ଏହାସହ ସେହି ସମସ୍ତ ବର୍ଜନୀୟ କାର୍ଯ୍ୟ ନକରିବାର କିଛି ବୈଜ୍ଞାନିକ କାରଣ ମଧ୍ୟ ରହିଛି।

ମାନ୍ୟତା ଅନୁଯାୟୀ, ରାତିରେ ଲୁଗା ସଫା କରିବା ଉଚିତ ନୁହେଁ। ରାତିରେ ଲୁଗା ଧୋଇ ବାହାରେ ଶୁଖାଇବା ଦ୍ୱାରା ଏଥିରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ବ୍ୟକ୍ତିଙ୍କ ଉପରେ କୁପ୍ରଭାବ ପଡ଼ିଥାଏ। ଏହାସହ ସକାଳ ସମୟରେ ସୂର୍ଯ୍ୟଙ୍କ କିରଣରେ ଲୁଗା ଶୁଖିବା ଦ୍ୱାରା ଏଥିରେ ଥିବା ଜୀବାଣୁ ମଧ୍ୟ ନଷ୍ଟ ହୋଇଥାଆନ୍ତି। ରାତିରେ କ୍ଷୀର ହେଉ ଅଥବା ଅନ୍ୟ ଖାଦ୍ୟପଦାର୍ଥ ଏହାକୁ ଘୋଡେଇ ରଖିବା ଉଚିତ। ଏହାକୁ ଫ୍ରିଜରେ ରଖିଲେ ମଧ୍ୟ ଘୋଡ଼େଇ ରଖିବା ଉଚିତ। ଖାଦ୍ୟ ଖୋଲା ରହିଲେ ଏଥିରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି ମାନ୍ୟତା ରହିଛି। ବୈଜ୍ଞାନିକ କାରଣ ଅନୁଯାୟୀ, ଖାଦ୍ୟ ଖୋଲା ରହିବା ଦ୍ୱାରା ଏଥିରେ ଧୂଳି ଓ ଅନ୍ୟାନ୍ୟ କ୍ଷୁଦ୍ର ଜୀବାଣୁ ପ୍ରବେଶ କରିବା ଦ୍ୱାରା ବିଭିନ୍ନ ରୋଗ ମଧ୍ୟ ହୋଇଥାଏ। ମାନ୍ୟତା ଅନୁଯାୟୀ, ସୂର୍ଯ୍ୟାସ୍ତ ପରେ ସ୍ନାନ କରିବା ପରେ ମଥାରେ ତିଳକ ଲଗାଇବା ଉଚିତ ନୁହେଁ। ଏହାସହ ଏହାର ବୈଜ୍ଞାନିକ କାରଣ ହେଉଛି ରାତିରେ ଶୋଇବା ସମୟରେ ଏହି ତିଳକ ଅଜାଣତରେ ଆଖି ପଡ଼ିଲେ ଚକ୍ଷୁ ପାଇଁ ଏହା କ୍ଷତିକାରକ ହୋଇଥାଏ। ରାତିରେ କ୍ଷୀର ପିଇବା ସମୟରେ ଏଥିରେ ସାମାନ୍ୟ କେସର କିମ୍ବା ହଳଦୀ ମିଶାଇ ପିଅନ୍ତୁ। ଖାଲି କ୍ଷୀର ପିଇବା ଦ୍ୱାରା ଥଣ୍ଡା ଜନିତ ସମସ୍ୟା ସହ କାଶ ମଧ୍ୟ ହୋଇଥାଏ। ବାରମ୍ବାର ଦେହ ଖରାପ ହୋଇ ଶୋଇ ରହିଲେ ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି। ଏହାସହ ସୂର୍ଯ୍ୟାସ୍ତ ପରେ ଭୁଲରେ ମଧ୍ୟ ମହିଳା ହୁଅନ୍ତୁ ଅଥବା ପୁରୁଷ କେଶ କାଟିବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ମା'ଲକ୍ଷ୍ମୀ କ୍ରୋଧ କରିବା ସହ ନକାରାତ୍ମକ ଶକ୍ତି ମଧ୍ୟ ପ୍ରବେଶ କରିଥାଏ।

## ପଖାଳର ଔଷଧୀୟ ଗୁଣ



ପଖାଳ ପିତ୍ତ ନାଶକ । ଗଇଁ ପଖାଳ ଖାଇ ତା ତୋରାଣି ମୁନ୍ଦେ ପିଇଦେଲେ କୋଷ୍ଠ କାଠିନ୍ୟ, ଅଗ୍ନୀମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା ଆଦି ନିବାରିତ ହୋଇଥାଏ । ବାଧିକି ଥିବା ଲୋକର ପଥ୍ୟ ଭାବେ ଏହା ବ୍ୟବହାର କରା ଯାଇଥାଏ । ହାଣ୍ଡି କାଞ୍ଜିଦ୍ୱାରା ପେଟ ଥଣ୍ଡା ରହେ। ପିତ୍ତ ରୋଗ ବିସୂଚିକା, ଅତିସାର ଇତ୍ୟାଦିରେ ପଖାଳ ତୋରାଣି ଅତ୍ୟନ୍ତ ପ୍ରଶମନକାରୀ ଓ ଉପକାରୀ ଅଟେ । ମୂତ୍ରକୃଚ୍ଛ ରେ ପଖାଳ ଉପକାରୀ ଅଟେ। କଫ ପ୍ରଧାନ ରୋଗରେ ବାସି ପଖାଳ ଦେବା ଉଚିତ ନୁହେଁ । ପିତ୍ତ ଆଉ ବାତ ରୋଗଗୁଡ଼ିକରେ ସ୍ଥାନ ବିଶେଷରେ ପଖାଳ ଦିଆଯାଇ ପାରିବ। ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ୧୦୦ଗ୍ରାମ ଭାତରେ ମାତ୍ର ୩.୪ମିଲି ଗ୍ରାମ ଲୌହ ରହିଥାଏ। କିନ୍ତୁ ୧୨ଘଣ୍ଟା ପଖାଳ ହେଲା ପରେ ଲୌହ ପରିମାଣ ୭୩.୯୧ମିଲି ଗ୍ରାମକୁ ବଢ଼ି ଯାଇଥାଏ । ସେହିପରି ସୋଡ଼ିଅମ ୪୭୫ ମିଲି ଗ୍ରାମରୁ କମି ୩୦୩ମିଲି ଗ୍ରାମ, ପୋଟାସିଅମ ୮୩୯ମିଲି ଗ୍ରାମ ଓ କ୍ୟାଲ୍ସିଅମ ୨୧ମିଲି ଗ୍ରାମରୁ ବଢ଼ି ୮୫୦ମିଲି ଗ୍ରାମ ହୋଇ ଯାଇଥାଏ। ସାଧା ଭାତରେ ଥିବା ଫାଇଟିକ ଏସିଡ୍ ଓ ଓଲିଗୋସାକାରାଇଡ଼ସ୍ ଯୋଗୁ ଏହାକୁ ହଜମ କରିବାରେ ଅସୁବିଧା ହୋଇଥାଏ କିନ୍ତୁ ପଖାଳ ହେବା ପରେ ଏ ଅସୁବିଧା ଦୂର ହୋଇ, ହଜମ କ୍ରିୟା ସହଜ ହୋଇଥାଏ।

# କଦଳୀ ବୃକ୍ଷକୁ କରନ୍ତୁ ପୂଜା

ଗୁରୁବାର ଦିନ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ଏପରି କାର୍ଯ୍ୟ ରହିଛି ଯାହାକୁ କରିବା ଅନୁଚିତ। ସେହି ବର୍ଜନୀୟ କାର୍ଯ୍ୟ କରିବା ଦ୍ୱାରା ଜାତକରେ ପ୍ରଭାବ ପଡ଼ିଥାଏ, ଯାହା ଦ୍ୱାରା ଜୀବନରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଜାଣନ୍ତୁ...

ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ମହିଳା ନିଜ କେଶ ସଫା କରିବା ଉଚିତ ନୁହେଁ। କେଶ କାଟିବା ଉଚିତ ନୁହେଁ, ଏପରି କାର୍ଯ୍ୟ କରିବା ଦ୍ୱାରା ଜାତକରେ ବୃହସ୍ପତି ଦୁର୍ବଳ ହୋଇଥାଆନ୍ତି, ଦାମ୍ପତ୍ୟ ଜୀବନରେ ସମସ୍ୟା ସୃଷ୍ଟି ହୋଇଥାଏ। ଘରର ଉନ୍ନତିରେ ବାଧା ସୃଷ୍ଟି ହୋଇଥାଏ।

ଗୁରୁବାର ଦିନ କଦଳୀ ଖାଇବା ଉଚିତ ନୁହେଁ। ଏହି ଦିନ କଦଳୀ ବୃକ୍ଷର ପୂଜାର୍ଚ୍ଚନା କରାଯାଇଥାଏ।



ଏହାସହ ଏହି ଦିନ ଘରେ ଅଧିକ ଓଜନିଆ ବସ୍ତ୍ର ଧୁଅନ୍ତୁ ନାହିଁ।

ପ୍ରତିଦିନ ଭଳି ଗୁରୁବାର ମଧ୍ୟ ଘରକୁ ସଫା କରନ୍ତୁ।

ଗୁରୁବାର ଦିନ ନଖ କାଟନ୍ତୁ ନାହିଁ। ଦାଢି ମଧ୍ୟ ବନାନ୍ତୁ ନାହିଁ। ଏପରି କରିବା ଦ୍ୱାରା ଅଶୁଭ ଫଳ ପ୍ରାପ୍ତି ହୋଇଥାଏ।

ଗୁରୁବାର ଦିନ କଦଳୀ ବୃକ୍ଷ ମୂଳରେ ଜଳ ଅର୍ପଣ କରନ୍ତୁ। ଦେଶୀ ଘିଅରେ ଦୀପ ଲଗାନ୍ତୁ। ଏପରି କରିବା ଦ୍ୱାରା ଶୀଘ୍ର ବିବାହ ହେବା ସହ ବିବାହରେ ଥିବା ସମସ୍ୟା ଦୂର ହୋଇଥାଏ।

ବୃହସ୍ପତିଙ୍କୁ ହଳଦିଆ ରଙ୍ଗକୁ ଅତିପ୍ରିୟ। ସେ ହଳଦିଆ ରଙ୍ଗର ପାଟବସ୍ତ୍ର ଧାରଣ କରନ୍ତି। ପୂଜାରେ ହଳଦୀ ବ୍ୟବହାର କରନ୍ତୁ। କେସର ଚନ୍ଦନ ଓ ହଳଦୀ ଦାନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତି ସର୍ବଦା ରହିଥାଏ।

# ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ୍ୟ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ୍ୟ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

# ସପ୍ତସ୍ୱର ପ୍ରଦାନକାରୀ ଦେବୀ ସରସ୍ୱତୀ

ମା' ସରସ୍ୱତୀଙ୍କୁ ବିଦ୍ୟା, ସଙ୍ଗୀତ ଏବଂ ବୁଦ୍ଧିର ଦେବୀ କୁହାଯାଏ । ସରସ୍ୱତୀ ସମସ୍ତ ସନ୍ଦେହ ନିବାରଣ କରି ବୁଦ୍ଧି ପ୍ରଦାନ କରିଥାନ୍ତି । ତାଙ୍କର ଉପାସନା ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ଦେବୀ



ସରସ୍ୱତୀଙ୍କୁ ସଂଗୀତଶାସ୍ତ୍ରର ଅଧିଷ୍ଠାତ୍ରୀ ଦେବୀ କୁହାଯାଏ । ତାଳ, ସ୍ୱର, ଲୟ, ରାଗ-ରାଗିଣୀ ଆଦି ଦେବୀ ସରସ୍ୱତୀ ହିଁ ସଂସାରକୁ ପ୍ରଦାନ କରିଥାନ୍ତି । ସାତ ପ୍ରକାରର ସ୍ୱର ସହିତ ଦେବୀ ସରସ୍ୱତୀଙ୍କୁ ସ୍ମରଣ କରାଯାଇଥାଏ । ସେଥିପାଇଁ ଦେବୀଙ୍କୁ ସ୍ୱରାତ୍ମିକା ମଧ୍ୟ କୁହାଯାଇଥାଏ । ସପ୍ତବିଦ୍ଧ ସ୍ୱର ଜ୍ଞାନ ପ୍ରଦାନ କରୁଥିବା କାରଣରୁ ତାଙ୍କ ନାମ ସରସ୍ୱତୀ ହୋଇଛି । ବୀଣାବାଦିନୀ ସରସ୍ୱତୀ ସଂଗୀତମୟ ଜୀବନ ଜିଇଁବା ଲାଗି ପ୍ରେରଣା ପ୍ରଦାନ କରିଥାନ୍ତି। ବୀଣା ବଜାଇବା ଦ୍ୱାରା ଶରୀର ଏକପ୍ରକାର ସ୍ଥିର ହୋଇଯାଇଥାଏ । ଏଥିରେ ଶରୀରର ପ୍ରତ୍ୟେକ ଅଙ୍ଗ ସମାଧି ଅବସ୍ଥାକୁ ଚାଲିଆସିଥାଏ । ସାମବେଦର ସମସ୍ତ ବିଧି-ବିଧାନ କେବଳ ବୀଣାର ସ୍ୱର ଉପରେ ଆଧାରିତ । ସରସ୍ୱତୀ ଦେବୀ ସର୍ବଦା ଧଳାରଙ୍ଗର ବସ୍ତ୍ର ଧାରଣ କରିଥାନ୍ତି । ଏହାର ଅର୍ଥ ହେଉଛି, ସେ ସତ୍ତ୍ୱଗୁଣ ସମ୍ପନ୍ନ ଦେବୀ । ଦେବୀ ଭାଗବତରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବୀ ସରସ୍ୱତୀଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ତିନି ଦେବତା ପୂଜା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ହାତରେ ପଦ୍ମ ଶୋଭା ପାଇଥାଏ । ଏହା ନିରପେକ୍ଷ ଜୀବନ ଜିଇଁବା ଲାଗି ପ୍ରେରଣା ଦେଇଥାଏ । ହାତରେ ପୁସ୍ତକ ସମସ୍ତ ଜ୍ଞାନ ଜାଣିବା ଲାଗି ପ୍ରେରଣା ଦେଇଥାଏ । ଲେଖକ କବି, ସଙ୍ଗୀତକାର ସମସ୍ତେ ଦେବୀ ସରସ୍ୱତୀଙ୍କୁ ବନ୍ଦନା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ଉପାସନା ଦ୍ୱାରା ଶରୀରରେ ଅଦ୍ଭୁତ ଶକ୍ତି ସଞ୍ଚରିତ ହୋଇଥାଏ । ମାତା ରୋଗ, ଶୋକ, ଚିନ୍ତା ଏବଂ ମନରେ ରହିଥିବା ବିକାର ଦୂର ହୋଇଥାଏ । ବୀଣାଧାରିଣୀ ସରସ୍ୱତୀଙ୍କ ପୂଜା ମାନବ କଲ୍ୟାଣ ଜୀବନଦର୍ଶନ ଉପରେ ଆଧାରିତ । ଯାଜ୍ଞବଲ୍କ୍ୟ ବାଣୀ ସ୍ତୋତ୍ର, ବଶିଷ୍ଠ ସ୍ତୋତ୍ର ଆଦିରେ ସରସ୍ୱତୀଙ୍କ ଉପାସନା ବିଧି ବର୍ଣ୍ଣିତ । ପୁରାଣରେ ଆଉ ଏକ ଦୃଷ୍ଟାନ୍ତ ରହିଛି । କୁମ୍ଭକର୍ଣ୍ଣର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମଦେବ ପ୍ରକଟ ହେଲେ । ସେ କେବଳ ଭୋଜନ କରିବା ଲାଗି ବର ମାଗିଲା । ବ୍ରହ୍ମଦେବ ଭାବିଲେ, ଯଦି ଏକ ମୂଢ଼ କେବଳ ଖାଇଚାଲିବ, ଦିନେ ଦୁନିଆରୁ ସବୁ ସରିଯିବ । ଏହାପରେ ସେ ସରସ୍ୱତୀଙ୍କୁ ସ୍ମରଣ କଲେ । ଦେବୀ ସରସ୍ୱତୀ କୁମ୍ଭକର୍ଣ୍ଣର ବୁଦ୍ଧି ବିକୃତ କରିଦେଲେ । ଏହାର ପରିଣାମ ସ୍ୱରୂପ କୁମ୍ଭକର୍ଣ୍ଣ ୬ ମାସ ନିଦ୍ରା ଏବଂ ୬ ମାସ ଭୋଜନ ପାଇଁ ବର ମାଗିଲା । ଏହିପରି ମାତା ସରସ୍ୱତୀ ରାକ୍ଷସ କୁମ୍ଭକର୍ଣ୍ଣର ମୃତ୍ୟୁର ବାଟ କରିଦେଲେ ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୧୧।୭ (ମହାଭାରତ):** ସଂସ୍କୃତ ବିଦ୍ୱାନମାନେ ଏଆଇ-ଚାଳିତ ନବସୃଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ମଙ୍ଗଳବାର ଦିନ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଭାରତର ସମୃଦ୍ଧ ଜ୍ଞାନ ଐତିହ୍ୟକୁ ସଂରକ୍ଷଣ କରିବା ସହିତ କୃତ୍ରିମ ବୁଦ୍ଧିମତା (ଏଆଇ), ଡିଜିଟାଲ୍ ପ୍ରଯୁକ୍ତି ଏବଂ ବୈଜ୍ଞାନିକ ଗବେଷଣାରେ ନବସୃଜନ ଆଣିବା ପାଇଁ ସଂସ୍କୃତର ସମ୍ଭାବନାକୁ ଉପଯୋଗ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏଥି ସହିତ ଛାତ୍ରଛାତ୍ରୀମାନେ ପ୍ରାଚୀନ ପାଣ୍ଡୁଲିପି ଗବେଷକ, ଡିଜିଟାଲ୍ ଅଭିଲେଖର ଉଦ୍ଭାବକ , ଏଆଇ ବିଶେଷଜ୍ଞ, ପାରମ୍ପରିକ ବିଜ୍ଞାନରେ ବିଦ୍ୱାନ ଏବଂ ସାଂସ୍କୃତିକ ଦୂତ ଭାବରେ ନିଜକୁ ଗଢ଼ି ତୋଳିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ, ହଜାର ହଜାର ଅମୂଲ୍ୟ ସଂସ୍କୃତ ପାଣ୍ଡୁଲିପି ଏପର୍ଯ୍ୟନ୍ତ ଅଧ୍ୟୟନ, ସଂରକ୍ଷଣ, ଡିଜିଟାଇଜେସନ୍ ଏବଂ ଅନୁବାଦ ହୋଇନାହିଁ। ଏଗୁଡ଼ିକ ବିଶ୍ୱର ଉପକାର ପାଇଁ ବିଶାଳ ଜ୍ଞାନ ଭଣ୍ଡାର ଅଟେ। ସଂସ୍କୃତକୁ କେବଳ ପ୍ରାଚୀନ ନୁହେଁ ବରଂ ଏକ "ଶାଶ୍ୱତ ଭାଷା" ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହାର ବୈଜ୍ଞାନିକ ସଠିକତା, ଯୁକ୍ତିଯୁକ୍ତ ସଂରଚନା ଏବଂ ବ୍ୟାକରଣଗତ ଉତ୍କର୍ଷତା, ଭାଷାଭିତିକ ଗଣନା ଏବଂ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣର ବିରାଟ ସମ୍ଭାବନା ରଖିଛି। ଏ ଦିଗରେ ଯୁବ ବିଦ୍ୱାନମାନଙ୍କୁ ଭାରତର ପ୍ରାଚୀନ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହିତ ସମିଶ୍ରଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ଏହା ଦ୍ୱାରା ପରବର୍ତୀ ପ୍ରଯୁକ୍ତିବିଦ୍ୟାର ସଫଳତା ମିଳିପାରିବ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଗତ ୪୬ ବର୍ଷ ଧରି ଏହି ବିଶ୍ୱବିଦ୍ୟାଳୟ ବିଶ୍ୱର ସର୍ବପ୍ରାଚୀନ ଜ୍ଞାନ ପରମ୍ପରାକୁ ସଂରକ୍ଷଣ ଓ ପ୍ରଚାର-ପ୍ରସାର କରିବାରେ ପ୍ରଶଂସନୀୟ ଅବଦାନ ରଖିଛି। ଓଡ଼ିଶାର ସଭ୍ୟତାଗତ ଐତିହ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଏବଂ ଏହା ସମାନତା, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ଭ୍ରାତୃତ୍ୱର ଆଦର୍ଶକୁ ପ୍ରତିଫଳିତ କରେ ଯାହା ବିଶ୍ୱବିଦ୍ୟାଳୟକୁ ଏହି ଐତିହ୍ୟର ଉପଯୁକ୍ତ ସଂରକ୍ଷକ ଭାବେ ଗଢ଼ିଛି ।

ସଂସ୍କୃତର ସମକାଳୀନ ପ୍ରାସଙ୍ଗିକତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ପ୍ରାଚୀନ ଗ୍ରନ୍ଥଗୁଡ଼ିକ ପରିବେଶ ସଂରକ୍ଷଣ, ସ୍ଥାୟୀ ଜୀବନ ଏବଂ ମାନସିକ ସୁସ୍ଥତା ଉପରେ ବ୍ୟବହାରିକ ମାର୍ଗଦର୍ଶନ ପ୍ରଦାନ କରେ। ସଂସ୍କୃତ ଶିକ୍ଷା ଏକାଗ୍ରତା, ଭାବନାତ୍ମକ ସ୍ଥିରତା ଏବଂ ଆନ୍ତରିକ ଶାନ୍ତି ପୋଷଣ କରେ ଯାହା ଆଜିର ଦ୍ରୁତ ପରିବର୍ତନଶୀଳ ବିଶ୍ୱରେ ଅତ୍ୟନ୍ତ ଜରୁରୀ। ମୂଲ୍ୟବୋଧ ଆଧାରିତ ନେତୃତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଭାରତୀୟ ଶାସ୍ତ୍ରୀୟ ଗ୍ରନ୍ଥଗୁଡ଼ିକ କର୍ତବ୍ୟ, ସାଧୁତା ଏବଂ କରୁଣାକୁ ପ୍ରୋତ୍ସାହିତ କରି ଆସିଛି। 'ବିକଶିତ ଭାରତ ଅ୨୦୪୭' ଦୃଷ୍ଟିକୋଣ ଉପରେ ଉଲ୍ଲେଖ କରି ଛାତ୍ରଛାତ୍ରୀମାନଙ୍କୁ ପରମ୍ପରା ସହିତ ପ୍ରଯୁକ୍ତି, ଐତିହ୍ୟ ସହିତ ନବସୃଜନ ଏବଂ ଜ୍ଞାନ ସହିତ ଚରିତ୍ରର ସମନ୍ୱୟ ଘଟାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଶାଶ୍ୱତ ଜ୍ଞାନ ଦ୍ୱାରା ଆଧୁନିକ ଯୁଗର ସମସ୍ୟାକୁ ସମାଧାନରେ ପରିଣତ କରିପାରିଥିବା ବ୍ୟକ୍ତି ହିଁ ଭବିଷ୍ୟତ ଗଢିବେ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରେଜିଷ୍ଟ୍ରାର ଶ୍ରୀମତୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ୨୦୨୫-୨୬ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପିଜି କାଉନ୍ସିଲ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମଧ୍ୟ ଏହି ସମାରୋହରେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ସୁନ୍ଦରପଦା ବିସ୍ଫୋରଣ : ଜଣେ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୧।୭ (ମହାଭାରତ):** ଭୁବନେଶ୍ୱରର ସୁନ୍ଦରପଦାସ୍ଥିତ ଆଜାଦ ନଗର ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ବୁଧବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ପ୍ରାୟ ସାତ ମାସ ପରେ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ ତଦନ୍ତରେ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି।

ଗିରଫ ଅଭିଯୁକ୍ତଙ୍କ ନାମ ରୋହନ ରଞ୍ଜନ ରାଉତରାୟ। ଏନଆଇଏ ସୂଚନା ଅନୁଯାୟୀ, ସେ ଭୁବନେଶ୍ୱରର ପଟିଆ ଅଂଚଳର ବାସିନ୍ଦା। ତାଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଛି। ବିସ୍ଫୋରଣ ସହ ଜଡ଼ିତ ଷଡ଼ଯନ୍ତ୍ରରେ ତାଙ୍କ ଭୂମିକା ନେଇ ପ୍ରମାଣ ମିଳିବା ପରେ ତାଙ୍କୁ ହେପାଜତକୁ ନିଆଯାଇଥିବା ଏନଆଇଏ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦାର ଆଜାଦ ନଗରସ୍ଥିତ ଏକ ଘରେ ବୋମା ପ୍ରସ୍ତୁତ କରାଯାଉଥିବା ସମୟରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦେଖି ପରେ ମାମଲାର ତଦନ୍ତ ଦାୟିତ୍ୱ ଏନଆଇଏ କୁ ହସ୍ତାନ୍ତର କରାଯାଇଥିଲା।

ତଦନ୍ତ ସମୟରେ ଏନଆଇଏଟିମ୍ ଆଜାଦ ନଗରରେ ପହଂଚି ଘଟଣାସ୍ଥଳର ବିସ୍ତୃତ ଯାଂଚ କରିଥିଲା ଏବଂ ଫୋରେନସିକ୍ ପ୍ରମାଣ ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶେହନବାଜ ମଲ୍ଲିକ ଓରଫ ମାଫି ଏବଂ ତାଙ୍କ ମାଆ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

ଏନଆଇଏତଦନ୍ତ ସମୟରେ ଏହି ମାମଲାରୁ ବିପୁଳ ପରିମାଣର (ଆରଡିଏକ୍ସ) ବିସ୍ଫୋରକ ଜବତ କରାଯାଇଥିଲା। ଏତେ ବଡ଼ ପରିମାଣର ଉଚ୍ଚ କ୍ଷମତାସମ୍ପନ୍ନ ବିସ୍ଫୋରକ କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା ଏବଂ ଏହା ପଛରେ କି ପ୍ରକାର ଷଡ଼ଯନ୍ତ୍ର ରହିଥିଲା, ସେ ନେଇ ଏଜେନ୍ସି ତଦନ୍ତ ଜାରି ରଖିଛି। ତଦନ୍ତକାରୀ ସଂସ୍ଥା ଏହି ମାମଲାରେ ଅନେକ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ଜବତ ହୋଇଥିବା ଆରଡିଏକ୍ସ ର ଉତ୍ସ, ଏହାର ସମ୍ଭାବ୍ୟ ବ୍ୟବହାର, ଯୋଗାଣ ଶୃଙ୍ଖଳା ଏବଂ ସମ୍ପୂର୍ଣ୍ଣ ନେଟୱର୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ତଦନ୍ତ ଚାଲିଛି।

# ଡାଇରିଆ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୧।୭ (ମହାଭାରତ):** ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଲଖମରା, ବରଗଡ଼ ଠାରେ ଆୟୋଜିତ 'ଷ୍ଟପ୍ ଡାଇରିଆ କ୍ୟାମ୍ପେନ୍' ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ସମେତ ସମଗ୍ର ଭାରତରେ ଶିଶୁମାନଙ୍କୁ ଝାଡ଼ାବାନ୍ତି ରୋଗରୁ ରକ୍ଷା କରିବା ପାଇଁ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରେ ଝାଡ଼ାବାନ୍ତି ଜନିତ ମୃତ୍ୟୁସଂଖ୍ୟାକୁ ସମ୍ପୂର୍ଣ୍ଣ ରୂପେ ଶୂନ୍ୟକୁ ଆଣିବା।

ଚଳିତ ବର୍ଷ ଜୁନ୍ ୧୬ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବ୍ୟାପକ ଅଭିଯାନ ମାଧ୍ୟମରେ ଶିଶୁମାନଙ୍କ ଜୀବନ ରକ୍ଷା ପାଇଁ ଅନେକ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଆମର ନିଷ୍ଠାପର ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ପ୍ରତି ଘରକୁ ଘର ବୁଲି ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛ ପାନୀୟ ଜଳର ବ୍ୟବହାର ଏବଂ ସାବୁନରେ ଭଲଭାବେ ହାତ ଧୋଇବା ସମ୍ପର୍କରେ ମା'ମାନଙ୍କୁ ବିଶେଷ ଭାବେ ସଚେତନ କରାଉଛନ୍ତି। ଏହା ସହିତ ଝାଡ଼ାବାନ୍ତିର ତୁରନ୍ତ ମୁକାବିଲା ଓ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବା ପାଇଁ ପ୍ରତି ଘରେ ଓଆରଏସ୍ ପ୍ୟାକେଟ୍ ଏବଂ ଜିଙ୍କ ଟାବଲେଟ୍ ମଧ୍ୟ ମାଗଣାରେ ବଂଟନ କରାଯାଉଛି। ଆସନ୍ତୁ ସମସ୍ତେ ମିଶି ଏହି ଅଭିଯାନ ପ୍ରତି ସଚେତନ ହେବା ଏବଂ ଏହାକୁ ସଫଳ କରି ଆମ ଶିଶୁମାନଙ୍କୁ ଏକ ସୁସ୍ଥ ଓ ସୁରକ୍ଷିତ ଶୈଶବ ପ୍ରଦାନ କରିବା।

ଏହି କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ , ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ପିଏମ୍-ସୂର୍ଯ୍ୟ ଘରକୁ ପିଏମ୍-ଆବାସ ଯୋଜନା ସହ ସଂଯୋଜନ କରାଯିବ



**ଭୁବନେଶ୍ୱର,୧୧।୭ (ମହାଭାରତ):** ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ଶ୍ରୀ ବିଶାଳ କୁମାର ଦେବ ଓପିଟିସିଏଲ୍ ର ସିଏମ୍ଡି ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଘୋଷଣା କରିଛନ୍ତି ଯେ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଂଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି। ଏହି ଯୋଜନା ଅଧୀନରେ ସହରାଂଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ?୩୦୦୦୦ ଟଙ୍କା ଏବଂ ରାଜ୍ୟରୁ ?୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ?୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ। ସହରାଂଚଳ ଏବଂ ଗ୍ରାମାଂଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ?୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହା ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଖୋଲା, ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନସୁଲେଟେଡ୍ କଣ୍ଡକ୍ଟର(ଆବରଣ ଥିବା), ବିତରଣ ସବଷ୍ଟେସନ୍ ରେ ଫେନ୍ସିଂ(ତାର ଜାଲି) ସ୍ଥାପନ, ପାୱାର ସବଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ୍/ଗାର୍ଡ ତାର ବ୍ୟବସ୍ଥା କରାଯିବ। ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଆଗ୍ରିଗେସନ ମଡେଲ୍ ର କାର୍ଯ୍ୟାନ୍ୱୟନର ମଧ୍ୟ ସମୀକ୍ଷା କରାଯାଇଛି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶାର ପ୍ରତ୍ୟେକ ଘରକୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ବିଜୁଳି ଯୋଗାଇବା ପାଇଁ ରାଜ୍ୟ ସରକାର ଅହରହ ଚେଷ୍ଟିତ। ଶକ୍ତି,ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ଆଦି ବିଭାଗ ଗୁଡ଼ିକର ସମନ୍ୱୟରେ ଏହି ସୁଧାର କାର୍ଯ୍ୟ ଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜୁଳି ବିଲ୍ ରୁ ମୁକ୍ତି ସହିତ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ।

# ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ନେଇ ଡିଜିପିଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ



**ଭୁବନେଶ୍ୱର,୧୧।୭ (ମହାଭାରତ):** ଆସନ୍ତା ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ସୁରକ୍ଷିତ, ଶୃଙ୍ଖଳିତ, ତ୍ରୁଟିଶୂନ୍ୟ ଏବଂ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ସୀମା ସୁରକ୍ଷା ବଳ , ରେଳ ସୁରକ୍ଷା ବଳ , ଭାରତୀୟ ତଟରକ୍ଷୀ ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରଥଯାତ୍ରାର ସମସ୍ତ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ , ଏନଏସଜି ଟିମ୍ ଏବଂ ଏନଏସଜି କ୍ୱିକ୍ ରେସପନ୍ସ ଟିମ୍ ଗୁଡ଼ିକର ମୁତୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୋଲିସ, ରେଳ ସୁରକ୍ଷା ବଳ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ନଜର ରଖିବା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ଓ ଓଡ଼ିଶା ପୋଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆରଟି ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ ଏଣ୍ଡ ଆଂଟି ଡ୍ରୋନ ସିଷ୍ଟମର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଣ୍ଟି-ସାବୋଟାଜ୍ ଯାଞ୍ଚକୁ କଡ଼ାକଡ଼ି କରାଯିବା ସହ ସନ୍ଦେହଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ। ଆକାଶମାର୍ଗରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ୍ ସିଷ୍ଟମ୍ ମୁତୟନ କରାଯିବ, ଯାହା ଦ୍ୱାରା ବେଆଇନ ଡ୍ରୋନ୍ ଉଡ଼ାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇପାରିବ। ଏହାସହ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ବୋମା ନିଷ୍କ୍ରିୟକାରୀ ଦଳ ବା ବମ୍ ଡିସପୋଜାଲ୍ ସ୍କ୍ୱାଡ୍ ଏବଂ ସ୍ନିଫର୍ ଡଗ୍ ଟିମ୍‌କୁ ସର୍ବଦା ହାଇ-ଆଲର୍ଟରେ ରଖାଯିବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ଏହାସହ ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, କ-୯ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ ମୁତୟନ, ଏସଟିୟୁ ଟିମ ନିୟୋଜିତ, ଦଳାଚକଟା ପରି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସଙ୍କ ରହଣି ପାଇଁ ଆବଶ୍ୟକ ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ଆଶୁ ସମସ୍ୟାର ସମାଧାନ ଏବଂ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ।

# ଭୁବନେଶ୍ୱରରେ ନିର୍ମାଣ ହେବ ରାଜସ୍ୱ ଭବନ



**ଭୁବନେଶ୍ୱର,୧୧।୭ (ମହାଭାରତ):** ଭୁବନେଶ୍ୱରରେ ନିର୍ମାଣ ହେବ ନୂତନ ରାଜସ୍ୱ ଭବନ । ଲୋକସେବା ଭବନରେ ସ୍ଥାନ ଅଭାବ ଯୋଗୁଁ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ ହେବ । ମଙ୍ଗଳବାର ଅନୁଷ୍ଠିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତି ହୋଇଛି। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଭୁବନେଶ୍ୱରରେ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ କରାଯିବ। ସେହିପରି ନୂଆ ବିଲ୍ଡିଂକୁ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥାନାନ୍ତର ହେବ। ୧୮୦ କୋଟି ଟଙ୍କା ବ୍ୟୟ ରେ ବିପର୍ଯ୍ୟୟ ପରିଚାଳନା ଭବନ ନିର୍ମାଣ ହେବ। ଦେଢ଼ ବର୍ଷ ଭିତରେ ନିର୍ମାଣ କାମ ଶେଷ ହେବ। ଆସନ୍ତା ଅଗଷ୍ଟ ମାସରେ ଭିତି ପ୍ରସ୍ତର ସ୍ଥାପନ କରାଯିବ। ଏହା ବ୍ୟତୀତ ରୋଟି ଠାରେ ୯୦ କୋଟି ବ୍ୟୟରେ ଅତ୍ୟାଧୁନିକ ପ୍ରେକ୍ଷାଳୟ ନିର୍ମାଣ ହେବ । ଭୁବନେଶ୍ୱର ଓ ପୁରୀରେ ଅତ୍ୟାଧୁନିକ ସର୍କିଟ ହାଉସ ନିର୍ମାଣ ହେବ। ପୁରୀରେ ଥିବା ସ୍ପେଶାଲ ସର୍କିଟ ହାଉସ ଭିତରେ ନିର୍ମାଣ ହେବ ନୂଆ ସର୍କିଟ ହାଉସ । ଭୁବେନେଶ୍ୱର ପାଇଁ ଜାଗା ନିରୀକ୍ଷଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ନିୟମିତ ଚାଲିବ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ

**ଭୁବନେଶ୍ୱର,୧୧।୭ (ମହାଭାରତ):** ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୧ ଜୁଲାଇ ଠାରୁ ପୁରୀରୁ ଏବଂ ୧୨ ଜୁଲାଇ ଠାରୁ କୋରାପୁଟରୁ ନିୟମିତ ଭାବରେ ଚଳାଚଳ କରିବ। ଟ୍ରେନ ନଂ. ୧୮୪୦୭ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୧ ଜୁଲାଇ ୨୦୨୬ ଠାରୁ ପ୍ରତ୍ୟେକ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ଟ୍ରେନଟି ସକାଳ ୭:୦୦ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ୧୧:୩୦ଟାରେ କୋରାପୁଟରେ ପହଂଚିବ। ସେହିପରି ଟ୍ରେନ ନଂ. ୧୮୪୦୮ କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୨ ଜୁଲାଇ ୨୦୨୬ ଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ। ଏହା ସକାଳ ୫:୦୦ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦:୨୦ଟାରେ ପୁରୀରେ ପହଂଚିବ। ଏହି ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ବଇଣ୍ଡା, ରଇରାଖୋଲ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ। ଏହା ଦ୍ୱାରା ଉପକୂଳ, ମଧ୍ୟ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଅଧିକ ସୁବିଧାଜନକ ରେଳ ସଂଯୋଗ ପାଇପାରିବେ। ଏହି ଟ୍ରେନ ରେ ସମୁଦାୟ ୧୮ଟି ଆଧୁନିକ ଏଲ୍ଏଚ୍‌ବି କୋଚ୍ ରହିବ। ସେଥିରେ ଗୋଟିଏ ଏସି ଦ୍ୱିତୀୟ ଶ୍ରେଣୀ କୋଚ୍, ତିନୋଟି ଏସି ତୃତୀୟ ଶ୍ରେଣୀ କୋଚ୍, ଆଠଟି ଶୟନଯାନ କୋଚ୍, ଚାରିଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗ-ଅନୁକୂଳ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ କୋଚ୍ ରହିଛି, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀଙ୍କୁ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ। ଏହି ଟ୍ରେନ୍ ସେବା ପର୍ଯ୍ୟଟନ, ତୀର୍ଥଯାତ୍ରା, ବାଣିଜ୍ୟ, ଶିକ୍ଷା ଏବଂ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ସହିତ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଦ୍ରୁତ ଓ ସୁବିଧାଜନକ ରେଳ ସଂଯୋଗ ପ୍ରଦାନ କରିବ। ୬ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ଟ୍ରେନ୍ ର ଶୁଭାରମ୍ଭ କରିଥିଲେ।

# ଶାନ୍ତିପଲ୍ଲୀ ଠାରେ ରାମକୃଷ୍ଣ ଆଦର୍ଶ କଲୋନୀର ଭିତି ପ୍ରସ୍ତର ସ୍ଥାପନ



**ଭୁବନେଶ୍ୱର,୧୧।୭ (ମହାଭାରତ):** ୱାର୍ଡ ନମ୍ବର ୪୧ ଅନ୍ତର୍ଗତ ଶାନ୍ତି ପଲ୍ଲୀଠାରେ ନିର୍ମାଣ ହେବ ୫୫ ଗୋଟି ଦୁଇ ମହଲା ବିଶିଷ୍ଟ ରାମକୃଷ୍ଣ ଆଦର୍ଶ କଲୋନୀ । ୧୧୦ ଜଣ ହିତାଧିକାରୀଙ୍କୁ ଆବଂଟନ କରାଯିବ ଏହି ବାସଗୃହ । ଏଥିପାଇଁ ଆଜି ରାମକୃଷ୍ଣ ଆଦର୍ଶ କଲୋନୀର ଭିତି ପ୍ରସ୍ତର ସ୍ଥାପନ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମ୍ ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଂଚଳ ରାଣା, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ କବିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଲେପ୍ରୋସି ଆକ୍ରାନ୍ତ ପରିବାରଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତି କ୍ରମେ ବିଏମ୍ ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସୂଚନାଯୋଗ୍ୟ କି ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ସହିତ ଏକ ଅନ୍ତର୍ଭୁକ୍ତିକରଣ ବିକାଶକୁ ଆଗେଇ ନେବାରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ । ସେଥିପାଇଁ ପ୍ରତ୍ୟେକ ନାଗରିକ ଆଗେଇଆସିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ବିଏମ୍ ସି ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଂଟନ କରାଯିବ ବୋଲି ସେ କହିଛନ୍ତି। ସଂପ୍ରତି ବିଏମ୍ ସି ଅଂଚଳରେ ଲିଙ୍ଗରାଜ, ଗୋଖିବାବା ଲେପ୍ରୋସି କଲୋନୀ ନିର୍ମାଣ ହୋଇସାରିଛି ଏବଂ ସେଠାରେ ହିତାଧିକାରୀମାନେ ସେଠାରେ ବସବାସ କରୁଛନ୍ତି । ଗୋପବନ୍ଧୁ ଲେପ୍ରୋସି କଲୋନୀ ନିର୍ମାଣ କାର୍ଯ୍ୟ ଜାରି ରହିଛି । ସେମାନଙ୍କୁ ବିଦ୍ୟୁତ୍ ଆଲୋକ, ପାନୀୟ ଜଳ, ଫ୍ୟାନ୍ ଆଦି ବିନା ମୂଲ୍ୟରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି । ପକ୍କାଘରେ ଏବେ ସେମାନେ ବେଶ ଆନନ୍ଦରେ ସପରିବାରେ ବସବାସ କରିଆସୁଛନ୍ତି । ଠିକ୍ ସେହିପରି ଏଠିକାର ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ। ଜଣେ ହେଲେ ଯୋଗ୍ୟ ହିତାଧିକାରୀ ବାଦ ନପଡନ୍ତୁ ଏବଂ କୌଣସି ଅଯୋଗ୍ୟ ହିତାଧିକାରୀ ଗୃହ ନ ପାଆନ୍ତୁ ବୋଲି କହିଛନ୍ତି କମିଶନର ଶ୍ରୀ ରାଣା ।

# ନେତୃତ୍ୱ ନେବେ ସୁଜାତା

ନବୀନ କହିଛନ୍ତି ଯେ, ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଯୋଗ ଦେଇଛନ୍ତି ଏବଂ ଆସନ୍ତା ନିର୍ବାଚନରେ ସେ ନିଜେ ଦଳର ନେତୃତ୍ୱ ନେବେ କିନ୍ତୁ ତାହା ବିଶ୍ୱାସଯୋଗ୍ୟ ନୁହେଁ। ନବୀନ କାହିଁକି ଏକଥା କହିଲେ ? ଏହାକୁ କହନ୍ତି ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି। ସୁଜାତା ଜଣେ ଲୋକପ୍ରିୟ ନେତ୍ରୀ ନୁହଁନ୍ତି। ଓଡ଼ିଶା ପ୍ରତି ତାଙ୍କର କିଛି ଅବଦାନ ନାହିଁ। ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେଇ ସେ ଚାକିରୀ କରିଥିଲେ। ଚାକିରୀ କାଳରେ ସେ ସେମିତି କିଛି ଚମତ୍କାରିତା ଦେଖାନଥିଲେ। ତେଣୁ ସେ ବିଜେଡିର ନେତୃତ୍ୱ ନେବେ ବୋଲି ଆଶା କରିବା ଭୁଲ। ତେବେ ନବୀନ କାହିଁକି ତାଙ୍କୁ ଗୁରୁତ୍ୱ ଦେଉଛନ୍ତି ? ବିଜେଡି କାର୍ଯ୍ୟାଳୟରେ କାହିଁକି ଏତେବଡ଼ ମିଶ୍ରଣ ପର୍ବ ଅନୁଷ୍ଠିତ ହେଲା ? ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସୁଜାତା ବିଜେଡିର ଜଣେ ଖାସ କର୍ମୀ। ସେ ଦଳର ନେତୃତ୍ୱ ନେବେନି, କିନ୍ତୁ ଦଳକୁ ପରିଚାଳିତ କରିବେ। ଏହାକୁ ବିଜେଡିର ପୁରୁଣା ନେତା ଓ କର୍ମୀ ହଜମ କରିବା ନିଶ୍ଚିତ ଭାବେ କଷ୍ଟକର ହେବ। କେବଳ ଚାଟୁକାର, କ୍ଷମତାଲିପ୍ସୁ ମାନେ ହିଁ ସୁଜାତାଙ୍କୁ ସେମାନଙ୍କର ନେତ୍ରୀ ଭାବେ ଭାବିବେ। ସାଧାରଣ ଲୋକେ କେବେ ସୁଜାତାଙ୍କ ମୁହଁ ଦେଖି ତାଙ୍କୁ ଭୋଟ ଦେବେ ନି। ପ୍ରାୟ ତିନି ଦଶନ୍ଧି ଧରି ରାଜ୍ୟରେ ତିନିଟି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ବିଜେପି ରାଜ୍ୟ ରାଜନୀତିର କେନ୍ଦ୍ର ବିନ୍ଦୁରେ ରହିଛନ୍ତି। ୧୯୯୭ରେ ଜନତା ଦଳର ବିଭାଜନ ହୋଇ ବିଜୁ ଜନତା ଦଳ ଗଠିତ ହୋଇଥିଲା। କଂଗ୍ରେସକୁ ପରାଜିତ କରିବା ନିମନ୍ତେ ବିଜେପି ସହ ମେଣ୍ଟ କରିବା ଉଦ୍ଦେଶ୍ୟରେ ବିଜେଡି ଗଠିତ ହୋଇଥିଲା। ୨୦୦୯ ପର୍ଯ୍ୟନ୍ତ ଏହି ମେଣ୍ଟ ରହିଥିଲା। ୨୦୦୯ରେ ଏହି ମେଣ୍ଟ ଭାଙ୍ଗିଗଲା। ସେବେଠାରୁ ରାଜ୍ୟରେ ସବୁ ନିର୍ବାଚନରେ ତ୍ରିମୁଖୀ ମୁକାବିଲା ହୋଇଆସୁଛି। ବାମପନ୍ଥୀ, ଜେଏମ୍ଏମ ଭଳି କିଛି ଦଳର କିଛି ନିର୍ବାଚନମଣ୍ଡଳୀରେ ପ୍ରଭାବ ରହିଛି। ସେମାନେ ପ୍ରାୟତଃ କଂଗ୍ରେସ ସହ ମେଣ୍ଟ ଗଠନ କରୁଛନ୍ତି। ବିଜେଡି ଗଠନ ପରେ ଜନତା ଦଳ ଅଳ୍ପ କିଛି ବର୍ଷ ତିଷ୍ଠି ରହିଥିଲା। ଧିରେ ଧିରେ ତାହା ବିଲୁପ୍ତ ହୋଇଗଲା। ବିଜେଡି ଗଠନ ରାଜ୍ୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏବେ ରାଜ୍ୟରେ ଏକ ନୂଆ ରାଜନୈତିକ ସମୀକରଣ ପାଇଁ ଉଦ୍ୟମ ହେଉଛି। ତିନି ପ୍ରମୁଖ ଦଳରେ ନଥିବା ବା ସେସବୁ ଦଳରେ ଅଣଦେଖା ହୋଇ ପଡି ରହିଥିବା କିଛି ନେତା ଏବେ ଏକ ନୂତନ ଆଞ୍ଚଳିକ ରାଜନୈତିକ ଦଳ ଗଠନ ଲାଗି ପ୍ରୟାସ ଚଳାଇଛନ୍ତି। ଅତୀତରେ ଓଡ଼ିଶାରେ ଏଭଳି ଅନେକ ଆଞ୍ଚଳିକ ଦଳ ଗଠନ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଏହା ବିଲୁପ୍ତ ହୋଇଛି। କିଛି ଦଳ ବେଶ ପ୍ରଭାବ ବିସ୍ତାର ମଧ୍ୟ କରିଛନ୍ତି। କିନ୍ତୁ ବିଭିନ୍ନ କାରଣରୁ ଏସବୁ ଦଳ ହଜି ଯାଇଛନ୍ତି। କେବଳ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ପଯାୟ ତିନି ଦଶନ୍ଧି ଧରି ତିଷ୍ଠି ରହିଛି। ଏବେ ଯେଉଁ ନୂତନ ଆଞ୍ଚଳିକ ଦଳ ନେଇ କଳ୍ପନା ଜଳ୍ପନା ଚାଲିଛଇ ତାହା କେତେଦୂର ସଫଳ ହେବ ତାହା କୁହାଯାଇପାରିବ ନାହିଁ। କଂଗ୍ରେସରୁ ବହିଷ୍କୃତ ହୋଇଥିବା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ନୂତନ ଦଳର ପରିକଳ୍ପନା କରିଛନ୍ତି। ଏଥିନେଇ ସେ ଅନ୍ୟ କେତେକ ଦଳର ପ୍ରମୁଖ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ସହ ସେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଶ୍ରୀ ତ୍ରିପାଠୀ ପ୍ରାୟ ୧୦ ବର୍ଷ ହେବ ସକ୍ରିୟ ରାଜନୀତିରୁ ଅବସର ନେଇ ସାରିଛନ୍ତି। ବିଜୁ ବାବୁଙ୍କ ସମୟରେ ସେ ଅବିଭକ୍ତ ଜନତା ଦଳର ପୁରୀରେ ଜଣେ ପ୍ରଭାବୀ ନେତା ଥିଲେ। ବିଜେଡି-ବିଜେପି ମେଣ୍ଟ ସମୟରେ ସେ କେନ୍ଦ୍ରରେ ମନ୍ତ୍ରୀ ପଦ ପାଇଥିଲେ। ଏବେ ସେ ରାଜନୀତିରେ ପୁନଃପ୍ରବେଶ କଲେ କେତେଦୂର ସଫଳ ହେବେ ତାହା କୁହାଯାଇପାରିବ ନାହିଁ। ବିଜେଡି ଛାଡ଼ିବା ପରେ ବିଜେପିରେ ସାମିଲ ହୋଇ ଲୋକସଭା ନିର୍ବାଚନ ଲଢ଼ିଥିଲେ ଏବଂ ୨ ଲକ୍ଷରୁ ଅଧିକ ଭୋଟ ପାଇଥିଲେ।

# ୧୦୮ର ମହାତ୍ମ୍ୟ

॥ ରଜତ କୁମାର ବୋଷ ॥

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ।

ଗୌଡ଼ିୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ଜଣ ଗୋପୀ ଥିଲେ। ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ। ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି। ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ ମନ୍ଦିରରେ ୫୪ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି। ଆଙ୍ଗକୋର ଥୋମ୍‌ର ଦୁର୍ଗିକୃତ ମନ୍ଦିରର ୫ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ଜଣ ଅସୁରଙ୍କର ମୂର୍ତ୍ତି ରହିଛି। ତିବ୍ବତିୟ ବୌଦ୍ଧମାନେ ଜପମାଳିରେ ୧୦୮ଟି ମାଳି ବ୍ୟବହାର କରନ୍ତି। ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ। ଜେନ୍ ବୌଦ୍ଧ ସନ୍ନ୍ୟାସୀମାନେ ସେମାନଙ୍କ କଟିରେ ପିନ୍ଧୁଥିବା ଜପମାଳି ଜୁଜୁରେ ୧୦୮ଟି ମାଳି ଥାଏ। ବୌଦ୍ଧ ଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି। ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି। କେତେକ ବୌଦ୍ଧ ଗୋଷ୍ଠିର ମତ ଅନୁଯାୟୀ ମନୁଷ୍ୟର ୧୦୮ଟି ଭାବନା ଅଛି। ଜାପାନରେ ବର୍ଷ ଶେଷରେ ବୌଦ୍ଧ ମନ୍ଦିରରେ ଗୋଟିଏ ଘଣ୍ଟି ୧୦୮ ଥର ବଜାଯାଇ ପୁରାତନ ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ କରାଯାଏ। ପ୍ରତ୍ୟେକଟି ଘଣ୍ଟିର ଶବ୍ଦ ମନୁଷ୍ୟର ୧୦୮ଟି ବାସନାର ନିବାରଣ ପାଇଁ। ଏସବୁ ବାସନା ନିବାରଣ ଦ୍ୱାରା ମନୁଷ୍ୟ ନିର୍ବାଣ ପ୍ରାପ୍ତ ହୋଇପାରେ। ଇହୁଦିମାନେ ଉପହାର ଓ ଦାନ ଅର୍ଥ ୧୦୮ରୁ ଗୁଣକ ଭାବରେ ଦିଅନ୍ତୁ। ୧୦୮କୁ ହବ୍ରୁ ଭାଷାରେ କୁହାଯାଏ ଚାଲ। ଏହାର ଅର୍ଥ ଜୀବନ।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିୟାନ ମତବାଦ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ଥର ସୁଯୋଗ ଦିଏ। ଏହା ନହୋଇପାରିଲେ ସେ ଏହି ପାର୍ଥିବ ଜଗତ ଛାଡ଼ିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର ରକି ଛଡ଼ାଇ ନିଏ। ପୂର୍ବ ଏସିଆର ଅଧିକାଂଶ ସମର କଳା ବୌଦ୍ଧ ଧର୍ମ ବିଶେଷ କରି ଶାଓଲିନ୍ ବୌଦ୍ଧ ମଠ ସହ ସମ୍ପର୍କିତ। ବୌଦ୍ଧଧର୍ମ ସହ ସଂଯୁକ୍ତ ଥିବାରୁ ଅଧିକାଂଶ ସାମରିକ କ୍ରୀଡ଼ା ବା ସମର କଳାଗୁଡ଼ିକରେ ୧୦୮ଟି ଭିନ୍ନ ଭିନ୍ନ ଶୈଳୀ ଥାଏ। ମର୍ମ ଆଦି ଓ ଆୟୁର୍ବେଦ ଅନୁଯାୟୀ ପ୍ରତ୍ୟେକ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଏହି ପଏଣ୍ଟ ସବୁରେ ଚେତନା ଓ ରକ୍ତ-ମାଂସର ମିଳନ ଘଟି ମନୁଷ୍ୟକୁ ଜୀବନ୍ତ ଦେଇଛି। ଚୀନା ଓ ଦକ୍ଷିଣ ଭାରତୀୟ ସମର କଳା ଅନୁଯାୟୀ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଜାପାନୀ ସମର କଳା ଗୋଜୁ-ର୍‌ୟୁ କରାଟେରେ ୧୦୮ଟି ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ଶୈଳୀ ଅଛି। ସେହିପରି ୟାଙ୍ଗ ତେଜିକ୍ୱାନ ସମର କଳାରେ ୧୦୮ଟି ଚାଲ ଅଛି। ଇଗଲ କ୍ଲ କୁଙ୍ଗ ଫୁ ସମର କଳାରେ ପଞ୍ଝ ଲଢ଼େଇର ୧୦୮ଟି କୌଶଳ ଅଛି। ଏହି କୌଶଳଗୁଡ଼ିକ ଉପରୋକ୍ତ ପଞ୍ଝା ଲଢ଼େଇର ବିଶେଷତ୍ୱ।

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପାମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ। ଏହାକୁ ନକ୍ଷତ୍ର କୁହାଯାଏ। ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ। ଏହି ୨୭ ଢ ୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ। ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ। ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ। ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି। ସେମାନେ ସର୍ବଦା କୃଷ୍ଣ ନାମ କରୁଥାନ୍ତି। ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮ (୧୦୭.୫୧)ଗୁଣ। ପୃଥିବୀ ଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ଗୁଣ। ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ଗୁଣ। ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି। ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି। ୟୁରୋପୀୟ ଓ ମଧ୍ୟପ୍ରାଚ୍ୟର ଧାର୍ମିକ ବିଶ୍ୱାସ ଅନୁଯାୟୀ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ମାତ୍ର ୬୦୦୦ ବର୍ଷ ତଳର କଥା। କିନ୍ତୁ ଭାରତୀୟ ବେଦ ଉପନିଷଦ ଅନୁଯାୟୀ ଆମର ବର୍ତ୍ତମାନର ବ୍ରହ୍ମାଣ୍ଡ କୋଟି କୋଟି ପୁରାତନ। ଏମିତି କେତେ ବିଶ୍ୱ ସୃଷ୍ଟି ହୋଇଛି ଓ ସମୟ କ୍ରମେ ଧ୍ୱଂସ ହୋଇ ମହାଆକାଶ ମଧ୍ୟରେ ଲୀନ ହୋଇଯାଇଛି। ପୁରାତନ ଅନୁଯାୟୀ ଆମର ବର୍ତ୍ତମାନର ସୌରଜଗତ କ୍ଷୀରସାଗରରୁ ଉଦ୍ଭବ ହୋଇଛି। ପୁରାଣର ବର୍ଣ୍ଣନା ଅନୁଯାୟୀ ଆମ ସୌରଜଗତ କ୍ଷୀର ସାଗର ମଧ୍ୟରୁ ଉଦ୍ଭବ। ସ୍ରଷ୍ଟାଙ୍କ ଇଛାନୁସାରେ ଅନନ୍ତ ଅସୀମ ବିଷ୍ଣୁ ଭଗବାନଙ୍କ ନାଭିରୁ ଏକ କମଳ ପୁଷ୍ପ ବାହାରି ମହାଶୂନ୍ୟ ଆଡ଼କୁ ଗଲା। ଏହାକୁ ହିରଣ୍ୟଗର୍ଭ ବୋଲି କୁହାଯାଏ। ଏଥିରୁ କ୍ରମଶ ଆମ ପୃଥିବୀ ସୃଷ୍ଟି ହେଲା। ଶାସ୍ତ୍ରମତ ଅନୁଯାୟୀ ସୃଷ୍ଟି ହେବାର ନିୟୁତ ନିୟୁତ ବର୍ଷ ପରେ ଯେତେବେଳେ ସୂର୍ଯ୍ୟର ଆକାର ଆହୁରି ବଡ଼ ହୋଇଯିବ ସେତେବେଳେ ଏହା ସମଗ୍ର ପୃଥିବୀର ଜୀବସତ୍ତାକୁ ଗ୍ରାସ କରିବ। ମହାଜାଗତିକ ବାୟୁ ଭସ୍ମୀଭୂତ ଭୂ-ଲୋକର ଭସ୍ମକୁ ମହାକାଶକୁ ଉଡାଇ ନେବ। ବର୍ତ୍ତମାନ ବିଜ୍ଞାନ ମଧ୍ୟ ଠିକ୍ ସେୟା କହୁଛି।

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର। ଏହା ପଞ୍ଚମ-ଷଷ୍ଠ ଶତାବ୍ଦୀର ସୃଷ୍ଟି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ। ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତାର ଠିକ୍ ବିପରୀତରେ ଏକ ମହାନ ସହର ଅଛି। ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି। ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି। ଗ୍ଲୋବରେ ଭାରତ ଯେଉଁଠି ଅଛି ତାର ଠିକ ବିପରୀତରେ ରହିଛି ମେକ୍ସିକୋ। ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି। ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନଥିଲା। ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରିପାରୁଥିଲେ। ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ୱ ବିଷୟରେ ଜାଣିବା ଉଚିତ। (କ୍ରମଶଃ)

# ସହରରେ ମିଳିବ ଗ୍ରାମ୍ୟ ସଂସ୍କୃତିର ମହକ

॥ ବିପିନ ବିହାରୀ ରାଉତ ॥

ସମୟ ବଦଳିବା ସହିତ ଲୋକଙ୍କ ଚାଲିଚଳନ ଜୀବନଶୈଳୀ, ଖାଦ୍ୟପେୟ ରୁଚିରେ ଅନେକ ପରିବର୍ତ୍ତନ ଘଟିଛି। ଏ ସବୁ ସତ୍ତ୍ୱେ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ଆଦୃତି କମିନାହିଁ। ଆଜି ମଧ୍ୟ ଗାଁ ଠାରୁ ଆରମ୍ଭ କରି ସହରର ଲୋକମାନେ ପଖାଳର ମହତ୍ତ୍ୱକୁ ଭୁଲିଯାଇନାହାନ୍ତି। ପୂର୍ବରୁ କେବଳ ଚାଷୀ ଘରର ପ୍ରମୁଖ ଖାଦ୍ୟ ଥିଲା ପଖାଳ। ଗାଁ ଗହଳିର ନିତିଦିନିଆ ଖାଦ୍ୟ ଏହି ପଖାଳ କିନ୍ତୁ ଏବେ ସହରରେ ପ୍ରବେଶ କରିଛି। ସବୁଦିନ ନହେଲେ ମଧ୍ୟ ସମୟ ସମୟରେ ପରିବାର ସଦସ୍ୟଙ୍କ ଗହଣରେ ପଖାଳ ଖାଇବାର ମଜା ଟିକେ ନିଆରା। ବିଶେଷକରି ଖରାଦିନ ଆସିଲେ, ପଖାଳ ଖାଇବାକୁ ଅଧିକ ଲୋକ ଭଲ ପାଇଥାନ୍ତି। ସହରର ଚାକଚକ୍ୟ ମାଧୁର୍ଯ୍ୟ ଭରା ପରିବେଶରେ ମଧ୍ୟ ପଖାଳର ଏବେବି ଚାହିଦା ରହିଛି। ଯଦିଓ ପଖାଳରେ କୌଣସି ପରିବର୍ତ୍ତନ ହୋଇନାହିଁ କିନ୍ତୁ ପଖାଳ ଖାଇବାର ପରିବେଶ ଏବଂ ଶୈଳୀରେ ବହୁ ପରିବର୍ତ୍ତନ ଘଟିଛି। ଗତ କିଛି ବର୍ଷ ହେଲା ସହରରେ ପଖାଳକୁ ନେଇ ଏକ ଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ପଖାଳର ମହତ୍ତ୍ୱକୁ ବଜାୟ ରଖିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ସାର୍ବଜନନୀ ପଖାଳ ଦିବସ ଭାବେ ପାଳନ କରାଯାଉଛି। ତେବେ ଏହାକୁ ନେଇ ନିୟମିତ ପଖାଳ ଖାଉଥିବା ଗାଁର ଲୋକଟିଏ ଯେତିକି ଖୁସି ନଥାନ୍ତି ତାଠାରୁ ଦ୍ୱିଗୁଣ ଉତ୍କଣ୍ଠା ଦେଖାଯାଇଛି ସହରବାସୀଙ୍କ ମଧ୍ୟରେ।

ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ପଖାଳ ପ୍ରତି ଲୋକଙ୍କର ଆକର୍ଷଣ ରହିଛି। ଗାଁ ପରିବେଶରେ ଲୋକଙ୍କୁ ଜୀବନଶୈଳୀରେ ପଖାଳ ଯେ କେବଳ ଏକ ନିତିଦିନିଆ ପାକ ପଦ୍ଧତି ତାହା ନୁହେଁ ବରଂ ଏହା ପ୍ରତି ପରିବାରକୁ ଯୌଥ ସୂତ୍ରରେ ମଧ୍ୟ ବାନ୍ଧି ରଖିବାରେ ଏକ ମାଧ୍ୟମ। କଂସାଏ ପଖାଳ ଓ ମୁନ୍ଦାଏ ତୋରାଣି ଦିନସାରାର ଖୋରାକ ଯୋଗାଇଥାଏ। ସେଇ ପଖାଳ ଖାଇ ଚାଷୀଟିଏ ଆତ୍ମସନ୍ତୋଷ ପାଇଥାଏ। ଆଜି ପଖାଳ ଦିବସ ଅବସରରେ ସହରବାସୀ ସେକାଳ ପଖାଳକୁ ଝୁରୁଛନ୍ତି। ଯେଉଁଥିପାଇଁ ପଖାଳ ପ୍ରସ୍ତୁତ ହୋଇଥିବା ବିଭିନ୍ନ ହୋଟେଲମାନଙ୍କରେ ପୂର୍ବରୁ ପ୍ରସ୍ତୁତ ଆରମ୍ଭ ହୋଇଛି। ଏହି ଦିବସ କେବଳ ଓଡ଼ିଶାରେ ନୁହେଁ ବରଂ ଓଡ଼ିଶା ବାହାରେ ମଧ୍ୟ ପାଳନ କରାଯାଉଛି। ପଖାଳ ଦିବସ ପାଇଁ ସହରର ବିଭିନ୍ନ ଛୋଟବଡ଼ ହୋଟେଲରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ସହରର ପ୍ରତି ହୋଟେଲରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଏହାସହ ଗ୍ରାମୀଣ ପରିବେଶ ସୃଷ୍ଟି ପାଇଁ ମଧ୍ୟ ସ୍ୱତନ୍ତ୍ର କଟେଜ୍ ନିର୍ମାଣ କରାଯାଇଛି, ଯେଉଁଠି ବସି ସହରବାସୀ କିଛି ସମୟ ପାଇଁ ଗାଁ ପରିବେଶକୁ ଅନୁଭବ କରିପାରିବେ। ଛୋଟ ହୋଟେଲଠୁ ଆରମ୍ଭ କରି ଷ୍ଟାର ହୋଟେଲ ପର୍ଯ୍ୟନ୍ତ ସବୁଠି ପ୍ରସ୍ତୁତି ହୋଇଛି ବିଭିନ୍ନ ଧରଣର ପଖାଳ ମେନୁ। ସାଧା ପଖାଳ, ଛୁଙ୍କ ପଖାଳ, ଦହି ପଖାଳ, ଖଟା ପଖାଳ, ସଜ ପଖାଳ, ପରିବା ପଖାଳ, ପରି ଅନେକ ପ୍ରକାର ମେନୁ ଉପଲବ୍ଧ ହୋଇଛି। ଏନେଇ ବିଭିନ୍ନ ଦରଦାମ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ମଧ୍ୟମ ଧରଣର ହୋଟେଲଗୁଡ଼ିକରେ ୩୦ଟଙ୍କାରୁ ଆରମ୍ଭ କରି ୯୦ ଟଙ୍କା ପର୍ଯ୍ୟନ୍ତ ପଖାଳ ଡିସ୍‌ର ମୂଲ୍ୟ ରହିଥିବା ବେଳେ ଷ୍ଟାର ହୋଟେଲଗୁଡ଼ିକରେ ଏହାର ମୂଲ୍ୟ ୪୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତିବର୍ଷ ଗ୍ରାହକଙ୍କୁ ଆକୃଷ୍ଟ କଲା ଭଳି ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଉଛି। ଏହାସହ ପଖାଳ ଦିବସ ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ରିହାତି ରହିଛି। ସାଧା ପଖାଳରେ ବଡ଼ିଚୁରା, ଭଜା, ଚିପ୍ସ, ସାଲାଡ଼, ଆଳୁଭର୍ତ୍ତା, କଖାରୁ ଫୁଲ, ପୋଟଳ ଭଜା ଆଦି ରହିଥିବାବେଳେ ଦହି ପଖାଳରେ ସମାନ ପ୍ରକାର ବ୍ୟଞ୍ଜନ ରହିଥିବା ଏକାମ୍ରହାଟରେ ଥିବା ଏକ ହୋଟେଲର ମାଲିକ କୁହନ୍ତି। ଏଥର ପଖାଳ ଦିବସ ମଙ୍ଗଳବାର ହୋଇଥିବାରୁ ଆମିଷକୁ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ ବିଭିନ୍ନ ଶାଗ ଆଇଟମରେ ଚୁନା ମାଛ, ବିଭିନ୍ନ ପ୍ରକାର ଭଜା ମାଛ, ମାଂସ କଷା, ଚିଙ୍ଗୁଡି ଭଜା, ମଟନ କଷା ଆଦି ରହିଛି। ସ୍କୁଲ କଲେଜ ପିଲାଙ୍କ ଠାରୁ ସମସ୍ତ ବର୍ଗର ଲୋକମାନେ ଏହି ଦିବସର ମଜା ନେଇଥାନ୍ତି ବୋଲି ହୋଟେଲ ମାଲିକ ପ୍ରକାଶ କରିଛନ୍ତି। ଦୈନନ୍ଦିନ ଜୀବନରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଖରାଦିନେ ଓଡ଼ିଆଙ୍କ ଘରେ ଘରେ ପଖାଳର ଆଦୃତି ଦେଖିବାକୁ ମିଳିଥାଏ। କେବଳ ଗରିବ ଲୋକ ନୁହଁନ୍ତି ଧନୀ ଲୋକଙ୍କ ଘରେ ମଧ୍ୟ ଆବହମାନ ସମୟରୁ ପଖାଳର ଆଦରକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି। କଥାରେ ଅଛି ଜଣଙ୍କ ଘରେ ପଖାଳ ଥିଲେ ଆଉ ବାରିରେ ଶାଗ ମନ୍ଦାଏ ଥିଲେ ତାହାଘରେ ଆଉ ଅଭାବ ଶବ୍ଦ ନଥାଏ। ବାସ୍ତବିକ ଏହା ଅତ୍ୟନ୍ତ ସତ କଥା। କେହି କେହି ପରିହାସରେ ପଖାଳଖିଆ ଓଡ଼ିଆ ମଧ୍ୟ କୁହନ୍ତି ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ମଧ୍ୟ ଅଛି ତାହା ହେଉଛି ପଖାଳ ଶରୀରକୁ ଯେଉଁ ପୋଷକତତ୍ତ୍ୱ ଦେଇଥାଏ ତାହା ଅନ୍ୟ ଖାଦ୍ୟରେ ନଥାଏ। କେହି କେହି କୁହନ୍ତି ବାଶୀ ପଖାଳ ଯଦିଓ ଶରୀରକୁ ନିଦ୍ରା ଆଡ଼କୁ ନେଇଯାଏ କିନ୍ତୁ ପଖାଳ ହେଉଛି ସନ୍ତୁଷ୍ଟିର ଲକ୍ଷଣ ଅର୍ଥାତ୍ ସର୍ବନିମ୍ନ ଆବଶ୍ୟକକୁ ନେଇ ଏକ ଜାତି ମୁଣ୍ଡଟେକି ଚାଲିପାରେ ଆଉ ଜୀବନରେ ଭଗବାନଙ୍କ ପ୍ରଦତ୍ତ ସର୍ବନିମ୍ନ ଆବଶ୍ୟକତାକୁ ନେଇ ଜଣେ ଖୁସି ମଧ୍ୟ ହୋଇ ତା'ଜୀବନ ଅତିବାହିତ କରିଥାଏ। ଓଡ଼ିଶାର ଅନେକ ଲବ୍ଧପ୍ରତିଷ୍ଠିତ ଏବଂ ବିତ୍ତଶାଳୀ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କ ଜୀବନ କାହାଣୀରେ ପଖାଳ ବିଷୟରେ ଉଲ୍ଲେଖ ରହିଛି। ପଖାଳକୁ ଭଲ ପାଉଥିବା ଜାତି ହେଉଛି ଏହି ବୀର ଓଡ଼ିଆ ଜାତି। ପଖାଳର ଆଉ ଏକ ସ୍ୱତନ୍ତ୍ର ସ୍ୱାଦ ଅନୁଭୂତ ହୁଏ ବସନ୍ତ ଋତୁର ଆଦ୍ୟ ପ୍ରବେଶ ସମୟରେ। ବାଡ଼ି ହେଉ ବା ତୋଟା ଆମ୍ବ ବକୁଳର ଲସିକୁ ପଖାଳରେ ପକାଇ ସେହି କଞ୍ଚାଆମ୍ବର ଚଟଣି ଓ ଅନ୍ୟାନ୍ୟ ବ୍ୟଞ୍ଜନ ସହ ପଖାଳର ସ୍ୱାଦ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଓ ନିଆରା। ଆଜିକାଲି ବଡ଼ ବଡ଼ ହୋଟେଲରେ ଧନୀବିତ୍ତଶାଳୀ ଲୋକମାନେ କଂସାରେ ବିଭିନ୍ନ ବ୍ୟଞ୍ଜନ ସହ ପଖାଳକୁ ଆଦରି ଏହାକୁ ଖାଦ୍ୟରେ ଗୁରୁତ୍ୱ ଦେଉଛନ୍ତି। ପଖାଳ ଶରୀରତତ୍ତ୍ୱ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ। ଶରୀରକୁ ଶୁଷ୍କତାରୁ ଆରୋଗ୍ୟ ଲାଭ କରି ଜଣଙ୍କ ପେଟକୁ ଥଣ୍ଡା ରଖିବାରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ବିଶ୍ୱ ପଖାଳ ଦିବସ ଅବସରରେ ଏପରି ଏକ ଗାଁ ସଂସ୍କୃତିର ପରମ୍ପରାର ଖାଦ୍ୟକୁ ସମସ୍ତେ ମନେପକାଇ ଏହାକୁ ଆଦରିବା ପାଇଁ ନିଜ ନିଜ ଭିତରେ ଭଲ ପାଇବାକୁ ବଢ଼ାଇଲେ ପଖାଳର ମହକ ଅନେକ ବଢ଼ିପାରିବ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩

# ଘରକୁ ଫେରୁଛି ଘର ଚଟିଆ

॥ ଯୁଧିଷ୍ଠିର ମହାରଣା ॥

ଘରଚଟିଆ ଆକାରରେ ଛୋଟ। କିନ୍ତୁ ପରିବେଶ ଏବଂ ମାନବ ସମାଜ ପାଇଁ ଅନେକ ବଡ଼ ବଡ଼ କାମ କରିଥାନ୍ତି ସେମାନେ। ଦିନ ଥିଲା କିଚିରି ମିଚିରି ଶବ୍ଦରେ ସକାଳଟା ଯେମିତି ଫାଟି ପଡୁଥିଲା। ମଣିଷ ସହ ସାଥି ହୋଇ ରହୁଥିଲେ। ହେଲେ ପରିବର୍ତ୍ତିତ ପରିବେଶ ଯୋଗୁଁ ଏମାନେ ଯେମିତି କୁଆନେ ଉଭେଇ ଯାଇଥିଲେ। ମାନବ ମାନସ ପଟରୁ ଲିଭିଯାଇଥିଲେ। ଏବେ କିନ୍ତୁ ପୁଣି ଥରେ ଘରଚଟିଆଙ୍କୁ ଘର ଆଗରେ ଦେଖିବାକୁ ମିଳୁଛି।

ଓଡ଼ିଶାରେ ଘରଚଟିଆଙ୍କ ସୁରକ୍ଷା ପାଇଁ ଇତିମଧ୍ୟରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ସୁରକ୍ଷା ପାଇଁ ବ୍ୟକ୍ତିନିଷ୍ଠ ଭାବେ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଯାହା ଖୁସିର କଥା। ୨୦୧୧ରେ ପ୍ରଥମ ଘରଚଟିଆ ସୁରକ୍ଷା ଉଦ୍ୟମ ଆରମ୍ଭ ହୋଇଥିଲା। ଗୁଣ୍ଡବନ୍ଧ ଏବଂ ଏହାର ଆଖପାଖ ଗ୍ରାମର କେତେକ ଉତ୍ସାହୀ ଯୁବକ ଗଠନ କରିଥିଲେ ଆଞ୍ଚଳିକ ବିକାଶ ପରିଷଦ। ବ୍ରହ୍ମପୁର ସହର ଉପକଣ୍ଠ ଯଥା ବାଘମାରି, ବିରିବାଡ଼ିଆ, ଗୁଣ୍ଡବନ୍ଧ, ଲାଞ୍ଜିଆ, ବାଳକୃଷ୍ଣପୁର, ନିମଖଣ୍ଡି ଏବଂ ଗଞ୍ଜାମ ବ୍ଲକର ଗୋଖରକୁଦା ଏବଂ ଅନ୍ୟାନ୍ୟ ଅଞ୍ଚଳ ବାସୀଙ୍କ ଯୋଗୁଁ ଘରଚଟିଆଙ୍କ ସଂରକ୍ଷଣ ଏବଂ ବଂଶରକ୍ଷା ହୋଇପାରିଛି। ପରିବେଶ ଓ ମାନବ ସମାଜ ପାଇଁ ଘରଚଟିଆଙ୍କ ଅବଦାନ ଅଶେଷ ରହିଥିଲେ ମଧ୍ୟ କାଳକ୍ରମେ ଏମାନେ ଏକ ପ୍ରକାର ଲୋପ ହୋଇଯାଇଥିଲେ। ଏଣୁ ପରିଷଦ ତରଫରୁ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଥିଲା। ପ୍ରଥମ ସମସ୍ୟା ଥିଲା ଘରଚଟିଆଙ୍କ ବାସସ୍ଥାନର ଅଭାବ। ସେଥିପାଇଁ ପରିଷଦର ଯୁବକମାନେ ହାତରେ ମାଟି, ଲାଉ, ପ୍ଲାଏ ଉଡରେ କୃତ୍ରିମ ବସା ତିଆରି କରିଥିଲେ। ଏଗୁଡ଼ିକୁ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ବର୍ତ୍ତମାନ ସୁଦ୍ଧା ମାଟିରେ ତିଆରି ୩୦ଟି ବସା ସହ ଲାଉରେ ୩୦ଟି, ପ୍ଲାଏଉଡରେ ନିର୍ମିତ ୧୨୦ଟି ବସା ବଣ୍ଟାଯାଇଛି। ସେହିଭଳି ଖାଦ୍ୟ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୩୦ଟି ବକ୍ସ ମଧ୍ୟ ପ୍ରଦାନ କରାଯାଇଛି। ବାସସ୍ଥାନ ସହ ଖାଦ୍ୟ ଉପଲବ୍ଧ ହେବା ପରେ ଘରଚଟିଆଙ୍କ ସଂଖ୍ୟା ବଢ଼ିଛି। ବିରିବାଡ଼ିଆ ଗ୍ରାମରେ ପୂର୍ବରୁ ୧୦ଟି ଘରଚଟିଆ ଥିବାବେଳେ ବର୍ତ୍ତମାନ ସଂଖ୍ୟା ଶହେ ଟପିଲାଣି। ସେହିଭଳି ଲାଞ୍ଜିଆରେ ୨ରୁ ୬୦କୁ, ବାଘଝରିଆରେ ୨୦ରୁ ୨ଶହ, ବାଳକୃଷ୍ଣପୁରରେ ୫ରୁ ୩୦କୁ ଏବଂ ଧର୍ମନଗରରେ ୧୫ରୁ ୫୦କୁ ସଂଖ୍ୟା ବୃଦ୍ଧି ହୋଇଛି। ଗୁଣ୍ଡବନ୍ଧ ଗ୍ରାମରେ ଆଦୌ ନଥିଲେ। ବର୍ତ୍ତମାନ ଏଠାରେ ପାଖାପାଖି ୫୦ଟି ଘରଚଟିଆ ରହିଛନ୍ତି। ପରିଷଦ ତରଫରୁ ନିୟମିତ ଗ୍ରାମଗୁଡ଼ିକୁ ଯାଇ ଘରଚଟିଆଙ୍କ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରାଯିବା ସହ ସଂରକ୍ଷଣ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଲାଞ୍ଜିଆ ଗ୍ରାମର ନବୀନ ଗୌଡ଼ କୁହନ୍ତି, ପ୍ରଥମେ ସେ ପରିଷଦ ତରଫରୁ ୬ଟି ବସା ପାଇବା ପରେ ସଂରକ୍ଷଣ ଆରମ୍ଭ କରିଥିଲେ। ଘରଚଟିଆଙ୍କ ସଂଖ୍ୟା ବଢ଼ିଲା। ଏଣୁ ସେ ଏବେ ନିଜେ ବସା ବନାଇବା ସହ ଅନ୍ୟକୁ ବାଣ୍ଟୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଧାନ ଏବଂ ମାଣ୍ଡିଆର ଉତ୍ପାଦନ ପ୍ରଚୁର ଥିବା ଯୋଗୁଁ ପୂର୍ବରୁ ଘରଚଟିଆଙ୍କ ଉପସ୍ଥିତି ଦେଖିବାକୁ ମିଳୁଥିଲା। ହେଲେ ପରିବେଶ ପରିବର୍ତ୍ତନ ଏବଂ ମୋବାଇଲ ଟାୱାର ସହ ଅନ୍ୟାନ୍ୟ କାରଣରୁ ସଂଖ୍ୟା କମିଗଲା। ବର୍ତ୍ତମାନ ଅନେକ ଗ୍ରାମରେ ଲୋକମାନେ ନିଜସ୍ୱ ଉଦ୍ୟମରେ ଘରଚଟିଆ ସଂରକ୍ଷଣ କରୁଛନ୍ତି। ଘରଚଟିଆ ଏକ ନିରୀହ ପକ୍ଷୀ ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି ଜଳବାୟୁ, ଜୈବିକମଣ୍ଡଳ ଓ ପ୍ରକୃତି ସହ ଏହା ଏକ ସୁସମ୍ପର୍କ ତିଆରି କରିଥାଏ। ଅନେକ ଆନ୍ତର୍ଜାତିକ ସ୍ତରରେ ସଙ୍ଗଠନ ଏମାନଙ୍କର ସୁରକ୍ଷା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଭାରତର ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ ପରି ରାଜ୍ୟରେ ସରକାରୀ ସ୍ତରରେ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯଦିଓ ଓଡ଼ିଶାରେ ସରକାରୀ ସ୍ତରରେ ଘରଚଟିଆ ମାନଙ୍କ ସୁରକ୍ଷା ପାଇଁ ସେପରି କୌଣସି ସରକାରୀ କାର୍ଯ୍ୟକ୍ରମ ବା ଯୋଜନା ପ୍ରସ୍ତୁତ କରାଯାଇନାହିଁ କିନ୍ତୁ ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ଆସନ୍ତୁ ବିଶ୍ୱ ଘରଚଟିଆ ଦିବସ ଅବସରରେ ଏହି ନିରୀହ ସର୍ବାଙ୍ଗୀନ ସୁରକ୍ଷା କରି ପ୍ରାକୃତିକ ଭାବରେ ଜୈବମଣ୍ଡଳ ଭାରସାମ୍ୟ ରକ୍ଷା କରୁଥିବା ସୁନ୍ଦର ଚଢ଼େଇଟିର ସୁରକ୍ଷା ପାଇଁ କିଛି ଦାୟିତ୍ୱ ନିର୍ବାହ କରିବା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

ରବିବାର, ୧୨ ଜୁଲାଇ, ୨୦୨୬



## ପାରାଦୀପରେ ଏଏସପି ଭାବେ ଅଜିଂକ୍ୟ ମାଣେ ଙ୍କ ଯୋଗଦାନ ପରେ ଅପରାଧ ନିୟନ୍ତ୍ରଣରେ : ଅସାମାଜିକଙ୍କ ମଧରେ କୋକୁଆ ଭୟ

ପାରାଦୀପ, (ମହାଭାରତ) : ଶାନ୍ତ ପାରାଦୀପରେ ଦୀର୍ଘ ବର୍ଷ ହେବ ଅଶାନ୍ତ ର ବାତାବରଣ ଲାଗିରହିବା ଏବଂ କିଛି ଅସାମାଜିକ ବ୍ୟକ୍ତି ନିଜ ସ୍ୱାର୍ଥ ଚରିତାର୍ଥ ପାଇଁ ବିଭିନ୍ନ ଅପରାଧ କ କାର୍ଯ୍ୟ କରି ସ୍ଥାନୀୟ ନିରୀହ ଯୁବକ ମାନଙ୍କ ନାମରେ ମିଥ୍ୟା ଅଭିଯୋଗ ଲଗାଇ ସେମାନଙ୍କୁ ଜେଲ ପଠାଇବା ଦୃଷ୍ଟାନ୍ତ ରହିଛି । ତେବେ ଡବଲ ଇଞ୍ଜିନ ସରକାର ଆସିବା ପରେ



ଏବଂ ପାରାଦୀପରେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସପି) ଅଜିଂକ୍ୟ ବାବୁରାଓ ମାଣେ ଙ୍କ ଯୋଗଦାନ ପରେ ସ୍ଥିତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଛି । ଗତ ମେ ୩୦ ତାରିଖରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଘର ଉପରକୁ ପେଟ୍ରୋଲ ବୋମା ମାଡ଼ ଘଟଣାରେ ପୋଲିସ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ମୂଖ୍ୟ ଆସାମୀ ଜ୍ୟୋତିକାନ୍ତ ପରିଡା ଓରଫ ବାପୁ ପରିଡା ଫେରାର ହୋଇଯାଇଥିଲା । ତେବେ ଏହି ଘଟଣାରେ ଚକ୍ରାନ୍ତକାରୀ ମାନେ ନିଜେ କାଣ୍ଡ ଭିଆଇ ପୂର୍ବ ଘଟଣା ପରି ଅନ୍ୟ ମୁଣ୍ଡରେ ଅଠା ବୋଳିବାକୁ ବସିଥିଲେ । ତେବେ ଦକ୍ଷ ପୋଲିସ ଅଧିକାରୀ ଶ୍ରୀ ମାଣେ ଘଟଣାର ସଠିକ ତଦନ୍ତ କରି ପ୍ରକୃତ ଆସାମୀ କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଥିଲେ । ତାଙ୍କର କଡା ଆଭିମୁଖ୍ୟ ଯୋଗୁଁ ଶେଷରେ ବାପୁ ଥାନାରେ ଆତ୍ମସମର୍ପଣ କରିବାକୁ ବାଧ ହୋଇଥିଲା । ଅନ୍ୟପକ୍ଷରେ ନିଜ ସପକ୍ଷରେ ମେଡିକାଲ ସାର୍ଟିଫିକେଟ ପାଇଁ ଡାକ୍ତର ଓ ସାକ୍ଷୀ ମାନଙ୍କୁ ପ୍ରଭାବିତ ଓ ଧମକ ଦେବା ନେଇ ଏଏସପି ଶ୍ରୀ ମାଣେ ବାପୁ ପରିଡା କୁ ସତର୍କ କରାଇଥିବା ଜଣାପଡିଛି। ତେବେ ଏଏସପି ମାଣେ ଙ୍କ କାର୍ଯ୍ୟ ଦକ୍ଷତା ଓ ଅପରାଧୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ଅସାମାଜିକ ଅପରାଧୀ ଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ରଥଯାତ୍ରା ପୂର୍ବରୁ ଏମ୍‌ଭି-୭୯ ବଡ଼ଦାଣ୍ଡ ମରାମତି ଦାବି, ଭକ୍ତଙ୍କ ସୁରକ୍ଷା ପ୍ରତି ଚିନ୍ତା

ଏମ୍‌ଭି-୭୯, (ମହାଭାରତ) : ମାଲକାନଗିରି ଜିଲ୍ଲାର ଏମ୍‌ଭି-୭୯ରେ ପ୍ରତିବର୍ଷ ରଥଯାତ୍ରା ବେଶ୍ ଆଡମ୍ବର ଓ ଭକ୍ତିମୟ ପରିବେଶରେ ପାଳନ କରାଯାଏ। ଏହି ରଥଯାତ୍ରାରେ ଏମ୍‌ଭି-୭୯ ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ। ରଥ ପ୍ରାୟ ଏକ କିଲୋମିଟର ଦୂରତା ପର୍ଯ୍ୟନ୍ତ ଜାତୀୟ ରାଜପଥ ଏନ୍‌ଏଚ୍-୩୨୬ ଉପରେ ଥିବା ବଡ଼ଦାଣ୍ଡ ଦେଇ ଯାତ୍ରା କରିଥାଏ। ମାତ୍ର ବର୍ତ୍ତମାନ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ଓ ଖାଲଖମା ସୃଷ୍ଟି ହୋଇଥିବାରୁ ରଥଯାତ୍ରା ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ରଥ ଟାଣିବା ବେଳେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାରୁ ଏହି ଭଙ୍ଗା ରାସ୍ତା ସୁରକ୍ଷା ଦୃଷ୍ଟିରୁ ବଡ଼ ସମସ୍ୟା ସୃଷ୍ଟି କରିପାରେ।



ତେଣୁ ଜଗନ୍ନାଥପ୍ରେମୀ ଓ ଅଞ୍ଚଳବାସୀ ଯୁଦ୍ଧକାଳୀନ ଭିତ୍ତିରେ ରଥ ଚଳାଚଳ କରୁଥିବା ପ୍ରାୟ ଏକ କିଲୋମିଟର ବଡ଼ଦାଣ୍ଡର ଗର୍ତ୍ତଗୁଡ଼ିକୁ ମରାମତି କରିବା, ଅଥବା ଡଷ୍ଟ ଓ ପିଚ୍ ପ୍ୟାଚ୍‌ୱର୍କ କରି ଚଳାଚଳ ଉପଯୋଗୀ କରିବାକୁ ଦାବି କରିଛନ୍ତି। ଏନ୍‌ଏଚ୍ ବିଭାଗ କିମ୍ବା ଜିଲ୍ଲା ଓ ବ୍ଲକ ପ୍ରଶାସନ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ରାସ୍ତାର ମରାମତି କଲେ ରଥଯାତ୍ରା ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବା ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ସହାୟକ ହେବ। ଏହା ସହିତ ବର୍ଷସାରା ଏହି ରାସ୍ତା ବ୍ୟବହାର କରୁଥିବା ସାଧାରଣ ଲୋକମାନେ ମଧ୍ୟ ଉପକୃତ ହେବେ। ରଥଯାତ୍ରା ଦିନ କୌଣସି ଅଘଟଣ ନଘଟି ସମଗ୍ର କାର୍ଯ୍ୟକ୍ରମ ଶାନ୍ତି, ଶୃଙ୍ଖଳା ଓ ଭକ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହେଉ ବୋଲି ଭକ୍ତମହଲ ଆଶା ପ୍ରକାଶ କରିଛନ୍ତି।

## ଧସିଲା ରାସ୍ତା : ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିମ୍ନମାନର ରାସ୍ତା କାମ

ବଲାଙ୍ଗୀର, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର ପଞ୍ଚାୟତ ଘୁଘୁରପଲା ଗ୍ରାମ ପାଖର ରାସ୍ତା ଦୁଇ ଦିନ ଧରି ହୋଇଥିବା ବର୍ଷା ପରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ନିର୍ମିତ ଏକ ରାସ୍ତାର ଅବସ୍ଥା ବେଶ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଏକାଧିକ ସ୍ଥାନରେ ଧସ ସୃଷ୍ଟି ହୋଇଥିବା ସହ ମାଟି ଭାଟି ଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଦୁର୍ଘଟଣାର ଆଶଙ୍କା ମଧ ବଢ଼ିଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ଗୁଣାତ୍ମକ ମାନଦଣ୍ଡକୁ ଠିକ୍ ଭାବେ ପାଳନ କରାଯାଇନଥିଲା। ନିମ୍ନମାନର ସାମଗ୍ରୀ ବ୍ୟବହାର, ଆବଶ୍ୟକ ମାତ୍ରାରେ ମାଟି ଓ ମୋରମ ନ ପକାଇବା, ଏବଂ ପାଣି ନିଷ୍କାସନ ବ୍ୟବସ୍ଥାରେ ତ୍ରୁଟି ଥିବାରୁ ସାମାନ୍ୟ ବର୍ଷାରେ ମଧ ରାସ୍ତା ଧସିଯାଇଛି। ଲୋକଙ୍କ କହିବା ଅନୁସାରେ, କାମ ଚାଲିଥିବା ସମୟରେ ମଧ ଏହି ତ୍ରୁଟି ନେଇ ଆପତ୍ତି ଉଠିଥିଲା, କିନ୍ତୁ ସେଥିପ୍ରତି



ଗୁରୁତ୍ୱ ଦିଆଯାଇନଥିଲା। ସେହି ଧସି ଯାଇ ଥିବା ମାଟି ଯାଇ ପାଖରେ ଥିବା ଚାଷୀ ମାନଙ୍କ କ୍ଷେତ ରେ ପଡି ଥିବାରୁ ଚାଷ କରି ପାରୁ ନାହାନ୍ତି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଇଞ୍ଜିନିୟରଙ୍କ ବିରୋଧରେ ଅବହେଳାର ଅଭିଯୋଗ ଉଠିଛି। ସରକାରୀ ଅର୍ଥ ବ୍ୟୟ ହୋଇଥିଲେ ମଧ ଗୁଣାତ୍ମକ କାମ ହୋଇନଥିବାରୁ ଏହାର ତଦନ୍ତ କରି ଯଦି କୌଣସି ଅନିୟମ କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତଙ୍କ ଠିକାଦାର ବିରୋଧରେ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ରାସ୍ତା ଧସିଯିବାରୁ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକ, ଛାତ୍ରଛାତ୍ରୀ ଓ ଗାଡ଼ି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ରାସ୍ତାର ଗୁଣବତ୍ତା ଯାଞ୍ଚ, କ୍ଷତିଗ୍ରସ୍ତ ଅଂଶର ତୁରନ୍ତ ମରାମତି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତେବେ ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଠିକାଦାର କିମ୍ବା ବିଭାଗୀୟ ଇଞ୍ଜିନିୟରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଦଶପଲ୍ଲା ଅଞ୍ଚଳରୁ ୧୨.୫ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ

ଦଶପଲ୍ଲା, (ମହାଭାରତ): ବାଣିଗୋଛା ପୁଲିସକୁ ଗଞ୍ଜେଇ ଚୋରାଚାଲାଣ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ମିଳିଛି। କାମିଟିପଙ୍ଗା ବସ୍ ?ଷ୍ଟପ୍ ? ନିକଟରେ ପୁଲିସ ଚଢ଼ାଉ କରି ପ୍ରାୟ ୧୨.୫ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ପଶ୍ଚିମବଙ୍ଗର ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ବର୍ଦ୍ଧମାନ ଜିଲ୍ଲାର ମଙ୍ଗଳ ଘୋଷ (୨୩) ଓ ସେକ୍ ସାବିର (୨୨)।



ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨.୧୫ ମିନିଟ ସମୟରେ ବାଣିଗୋଛା ଥାନା ଅ।ଇ ଅ।ଇ ସି ଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ବୀରେନ୍ଦ୍ର କୁମାର ଦେହୁରୀ ଓ ତାଙ୍କ ଟିମ୍ କାମିଟିପଙ୍ଗା ବସ୍‌ଷ୍ଟପ୍ ନିକଟରେ ଛକି ରହିଥିଲେ। ଏହି ସମୟରେ ଦୁଇ ଯୁବକ ସନ୍ଦେହଜନକ ଭାବେ ଗଞ୍ଜେଇ ପରିବହନ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ଠାରୁ ଜବତ ସାମଗ୍ରୀ ଗଞ୍ଜେଇ ୧୨.୫ କିଲୋଗ୍ରାମ, ନଗଦ ଅର୍ଥ ୨,୨୫୦ ଟଙ୍କା ଓ ୨ଟି ମୋବାଇଲ୍ ଫୋନ୍ । ଦଶପଲ୍ଲାର ଅତିରିକ୍ତ ତହସିଲଦାର-କମ୍-କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ଏନ୍‌ଡିପିଏସ୍ ଆଇନର ସମସ୍ତ ନିୟମ ଅନୁଯାୟୀ ଅଭିଯୁକ୍ତମାନଙ୍କର ତଲାସି ନିଆଯାଇଥିଲା। ଏହି ଘଟଣାରେ ବାଣିଗୋଛା ଥାନାରେ କେସ୍ ନଂ-୮୫/୨୦୨୬, ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(୨)(ବି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ନୟାଗଡ଼ ଜିଲ୍ଲା ଓ ଦୌରା ଜଜ୍ ଅଦାଲତକୁ ଚାଲାଣ କରାଯାଇଥିବା ବେଳେ, ଏହି ଚୋରାଚାଲାଣ ର୍ୟାକେଟ୍ ପଛରେ ଆଉ କାହାର ହାତ ରହିଛି ସେ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବାଲିପାଟଣାରେ ବିସ୍କୁଟ ଖୋଳରେ ବିଶ

ବାଲିପାଟଣା, (ମହାଭାରତ) : ବାଲିପାଟଣା ଥାନା ପୁଲିସ ଆଜି ବିପୁଳ ପରିମାଣର ସମୟ ଅବଧି ସରିଯାଇଥିବା ନକଲି ବିସ୍କୁଟ ଜବତ କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଓ ତାଙ୍କ ପୁଅ ଙ୍କ ସହିତ ୩ଜଣଙ୍କୁ ହେପାଜତକୁ ନେଇଛି। ବର୍ଷ ବର୍ଷ ହେଲା ଏହି କଳାବଜାରୀ କାର୍ଯ୍ୟ ଲୁଚା ଛପାରେ ଚାଲିଥିଲା। ଆଜି ଟ୍ରକରୁ ବିସ୍କୁଟ ଖାଲି ହେବା ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ବେପାରୀ ଏବଂ ଟ୍ରକ ଚାଳକ ଗାଡ଼ି ନେଇ ଏକ ଅପରିତ୍ୟକ୍ତ ସ୍ଥାନକୁ ନେଇ ଯାଇଥିଲେ। ଗାଡ଼ିକୁ ପିଛା କରି ମଧୁବନ ଇଟା ଭାଟି ରାସ୍ତାରେ ଧରିଥିଲେ ।ସୂଚନା ଅନୁସାରେ ସରଦେଇପୁର ନିମାପଡା ରାସ୍ତାର ବାଲିପାଟଣା ଛକ ନିକଟରେ ଥିବା କୃଷ୍ଣ ଚନ୍ଦ୍ର ସାହୁ ରହୁଛନ୍ତି। ସେ ଦୀର୍ଘ ବର୍ଷ ହେଲା ବିଭିନ୍ନ ବ୍ୟବସାୟ କରୁଥିଲେ। କିଛି ବର୍ଷ ହେଲା ସମୟ ଅବଧି ନ ଥିବା ବିସ୍କୁଟ ଆଣି ଘରେ ଗଛିତ ରଖି ଏହାକୁ ନୂଆ ପ୍ୟାକିଙ୍ଗ କରି ବଜାରରେ ବିକ୍ରି କରୁଥିଲେ। କୃଷ୍ଣଚନ୍ଦ୍ର ପେଶାରେ ଜଣେ ନକଲି ବ୍ୟବସାୟୀ ହୋଇ ଥିବା ବେଳେ ତାଙ୍କ ଧର୍ମପତ୍ନୀ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ! ଆଜି ସକାଳୁ ଆଇଚର ଟ୍ରକ ନଂ ଓଡି ୦୨ ବିଟି ୨୫୮୭ ରେ ବିଭିନ୍ନ କମ୍ପାନୀ ବିସ୍କୁଟ କୃଷ୍ଣଙ୍କ ଘରେ ଖାଲି କରୁଥିଲେ। କୃଷ୍ଣ ଚନ୍ଦ୍ର ସାହୁ ଏହାର ମୁଖ୍ୟ କାର୍ପଟାଦାର ଥିବା ଜଣା ପଡ଼ିଛି। କୃଷ୍ଣଙ୍କ ଘରେ ବିସ୍କୁଟ ପେଟି ଖାଲି ହେଉଥିବା ବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରକୁ ଆସିଥିଲା ।ବିସ୍କୁଟ ଗୁଡ଼ିକରେ ଦାମୀ କମ୍ପାନି ଲୋଗୋ ଅଧିକ ଖୋଳତାଡ଼ ପରେ ୨୦୨୧/୨୨ ମସିହାରୁ ତାରିଖ ସରି ଯାଇଥିବା ବିସ୍କୁଟକୁ ନୂଆ ପ୍ୟାକିଙ୍ଗ କରି ସ୍ଥାନୀୟ ବଜାରମାନଙ୍କରେ ବିକ୍ରି କରୁଥିବା ଜଣା ପଡିଛି। ପୁଲିସ ଆସିବା ଶୁଣି କୃଷ୍ଣ ବିସ୍କୁଟ ବୋଝେଇ ଟ୍ରକକୁ ଫେରାର କରିବାକୁ ଉଦ୍ୟମ କରି ଗାରେଡିପାଞ୍ଚଣ ନିକଟରେ ଥିବା ଇଟା ଭାଟି ରାସ୍ତାର ଏକ ଜଙ୍ଗଲ ଭିତରେ ପକାଇ ଦେଇଥିଲେ। ଏହି ବିସ୍କୁଟଗୁଡ଼ିକ ବିଭିନ୍ନ ଦାମୀରେ କମ୍ପାନିର ଲୋଗୋ ଅଛି। ବିସ୍କୁଟ ମୂଲ୍ୟ ମଧ ଅଧିକ ଥିବା ଦେଖିବାକୁ ମିଳିଛି। ପୁଲିସ ଉକ୍ତ ଟ୍ରକକୁ ଜବତ କରିବା ସହ କୃଷ୍ଣ , ଗାଡି ଡ୍ରାଇଭର ଏବଂ ହେଲପେରକୁ ଥାନାରେ ଅଟକ ରଖିଛି। କୃଷ୍ଣଙ୍କ ବାଇକ ନଂ ଓଆର ୦୨ ବିଟି ୬୬୩୬କୁ ପୁଲିସ ଜବତ କରିଛି। ଧରା ପଡ଼ିବା ପରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଏହା ମାଛ ଙ୍କୁ ଖାଇ ବାକୁ ଦିଆଯିବ ବୋଲି ଯୁକ୍ତି କରିଥିଲେ ! ସବୁଠାରୁ ବଡ଼ କଥା ହେଉଚି ଏତେ ବଡ଼ ସମ୍ବେଦନ ଶୀଳ ଘଟଣା ରେ ଯୋଗାଣ ଅଧିକାରୀ ଖବର ପାଇ ଘଟଣା ସ୍ଥଳ କୁ ନଯିବା ଓ ବାହାରେ ଅଛି ଫୁଡ୍ ସେଫ୍‌ଟି ବାଲା ଏହାର ତଦାରଖ କରିବେ କହି ଘଟଣା କୁ ଏଡ଼ାଇ ଯିବା ସାଧାରଣ ରେ ଅନେକ ପ୍ରଶ୍ନବାଚି ସୃଷ୍ଟି କରିଛି !

## ରାଇଘରରେ ସାମ୍ବାଦିକ ପରିଚୟ ଦେଇ ଚାନ୍ଦା ଆଦାୟ ଅଭିଯୋଗ: ପ୍ରକୃତ ସାମ୍ବାଦିକଙ୍କ ଛବି ଉପରେ ପଡୁଛି ପ୍ରଭାବ, ପ୍ରଶାସନୀୟ ତଦନ୍ତ ଦାବି

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ କିଛି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଇ ବିଭିନ୍ନ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବାବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ମଧ ପ୍ରକାଶ ପାଉଛି ।ସ୍ଥାନୀୟ ମହଲର କହିବା ଅନୁସାରେ, କିଛି ଅସାମାଜିକ ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଭୟଭୀତ କରିବା ସହ ଟଙ୍କା ଦେବା ପାଇଁ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ସେମାନେ ଖବର ପ୍ରକାଶ କରିବାର ଭୟ ଦେଖାଇ ଅର୍ଥ ଆଦାୟ କରିବାକୁ ଚେଷ୍ଟା କରୁଥିବା ନେଇ ମଧ ଚର୍ଚ୍ଚା ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଭାବେ ପୁଷ୍ଟି ହୋଇନାହିଁ। ପ୍ରକୃତ ସାମ୍ବାଦିକମାନେ ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ଜନସାଧାରଣଙ୍କ ସ୍ୱରକୁ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କାମ କରୁଥିବାବେଳେ, କିଛି ଅସାଧୁ ବ୍ୟକ୍ତିଙ୍କ ଏପରି ଆଚରଣ ଯୋଗୁଁ ସମଗ୍ର ସାମ୍ବାଦିକ ସମାଜ ବଦନାମ ହେଉଥିବା ବୋଲି ଅନେକ ପ୍ରକୃତ ସାମ୍ବାଦିକ ମତ ପ୍ରକାଶ କରୁଛନ୍ତି ।ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ କହିବା ଅନୁସାରେ, ଯେଉଁ ବ୍ୟକ୍ତି ପ୍ରକୃତରେ କୌଣସି ଗଣମାଧ୍ୟମ ସହିତ ଜଡ଼ିତ ନୁହନ୍ତି, ସେମାନେ ସାମ୍ବାଦିକ ପରିଚୟ ଦେଇ ସମାଜରେ ଭ୍ରମ ସୃଷ୍ଟି କରୁଥିବା ବ୍ୟକ୍ତି କୁ ।ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏପରି ଘଟଣା ଉପରେ ଅଙ୍କୁଶ ନ ଲାଗିଲେ ସାଧାରଣ ଲୋକଙ୍କ ବିଶ୍ୱାସ ଗଣମାଧ୍ୟମ ଉପରୁ କମିଯିବାର ଆଶଙ୍କା ରହିଛି ।ଅନେକ ସଚେତନ ନାଗରିକ ପ୍ରଶାସନଙ୍କୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହିତ, ପ୍ରକୃତ ଦୋଷୀ ଚିହ୍ନଟ ହେଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ସାଧାରଣ ଲୋକଙ୍କୁ ମଧ କୌଣସି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଲେ, ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିବା ଏବଂ କୌଣସି ପ୍ରକାରର ଅବୈଧ ଅର୍ଥ ଦାବି ହେଲେ ତୁରନ୍ତ ସ୍ଥାନୀୟ ପୁଲିସ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଅନୁରୋଧ କରାଯାଉଛି।

## ନଦୀ ବନ୍ଧ କଟାକୁ ନେଇ ସ୍ଥାନୀୟ ଲୋକ ଆତଙ୍କୀତ

ଅସ୍ତରଙ୍ଗ, (ମହାଭାରତ) : କାକଟପୁର ଜଳସମ୍ପଦ ବିଭାଗ ଅଧୀନରେ ଥିବା ସବୁଠାରୁ ସମ୍ବେଦନଶୀଳ ବନ୍ଧ ଦେବୀ ନଦୀ ବନ୍ଧ। କିନ୍ତୁ ଅସ୍ତରଙ୍ଗ ନଗର ପଞ୍ଚାୟତ ବାଲିଡିହା ଠାରେ ଥିବା ନଦୀ ବନ୍ଧରେ ବର୍ଷା ଜଳ ନିଷ୍କାସନ ପାଇଁ ଏକ କଲଭଟ ନିର୍ମାଣ ହେବା ପାଇଁ ଜଳସମ୍ପଦ ବିଭାଗ ର ଟେଣ୍ଡର କ୍ରମେ ଜନୈକ ଠିକା ସଂସ୍ଥା ଦୀର୍ଘ ୨୫ ଦିନ ହେଲା ବନ୍ଧକୁ କାଟି ଖୋଳି କିଛି କାମ ନ କରି ଛାଡି ଚାଲିଯାଇଥିବା ରୁ ଏହି ବନ୍ଧ ରାସ୍ତାରେ ନିର୍ଭରଶୀଳ ହଜାର ହଜାର ହଜାର ଲୋକେ ଯାତାୟତ ପାଇଁ ନାହିଁ ନଥିବା ଦୁର୍ଦଶାର ସମ୍ମୁଖୀନ ହେଉଛନ୍ତି ।ଅନ୍ୟ ପଟେ ହୀରାକୁଦ ରୁ ପ୍ରଥମ ବନ୍ୟାଜଳ ଛଡ଼ାଯିବା ପରେ ବନ୍ଧ ମୁକୁଳା ଯୋଗୁଁ କୃତ୍ରିମ ବନ୍ୟା ଆଶଙ୍କାରେ ଏହି ନଦୀ ଆବାହିକା ର ବାସିନ୍ଦା ଏତେ ଭୟଭୀତ ଅବସ୍ଥାରେ ଅଛନ୍ତି ତାହା ନକହିବା ଭଲ ।ବନ୍ୟା



ସମୟରେ ସରକାର ପ୍ରାଶାସନିକ ଅଧିକାରୀ ମାନଙ୍କୁ ନଦୀବନ୍ଧ ତଦାରଖ କରିବାକୁ ବା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ କିନ୍ତୁ ଅସ୍ତରଙ୍ଗ ବ୍ଲକ୍ ରେ ଦେଖିବାକୁ ମିଳିଛି ଓଲଟା ଦୃଶ୍ୟ ଜୁନ ମାସରେ ଖୋଳା ହେଉଛି ଦେବିନଦୀ ବନ୍ଧ ।ଗ୍ରାମ ବାସୀଙ୍କ ଅଭିଯୋଗ ଅନୁସାରେ ବନ୍ୟା ସ୍ଥିତି କୁ ନଜର ରେ ରଖି ତୁରନ୍ତ ମରାମତି ନ କରାଗଲେ ବନ୍ୟା ଜଳ ଗାଁ ଭିତରେ ପଶି ଭାସିଯିବେ ଶହ ଶହ ପରିବାର। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ପଚାରିବାରୁ ସେ ସୂଚନା ଦେଲେ କି ସ୍ଥାନୀୟ ବିଧାୟକ ଙ୍କ କହିବା ଅନୁସାରେ ଗାଁ ର ବର୍ଷା ପାଣି ନିଷ୍କାସନ ହେବାପାଇଁ ସେଠାରେ ଏକ ଶୋଠ ନିର୍ମାଣ ପାଇଁ ବନ୍ଧ ଖୋଳା ଯାଇଥିଲା କିନ୍ତୁ ଗ୍ରାମ ବାସୀଙ୍କ ଦାବି ସେଠାରେ ଶୋଠ ବଦଳରେ ଏକ କଲଭେଟ ନିର୍ମାଣ କରାଯାଉ ଏହି ଦ୍ୱନ୍ଦ୍ୱ ଭିତରେ କାମ ବନ୍ଦ ରହିଚି। ଯନ୍ତ୍ରୀ କହିଛନ୍ତି ଯେହେତୁ ଆଗକୁ ନଦୀରେ ପାଣି ବଢିବ ତେଣୁ କଟା ଯାଇଥିବା ବନ୍ଧ କୁ ତୁରନ୍ତ ପୋତିଦିଆଯିବ ବର୍ଷା ଦିନ ପରେ ପୁନର୍ବାର କାମ କରାଯିବ।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା: ଗୋଟିଏ ଟ୍ରକ୍ ଜଳିଗଲା, ଜଣେ ମୃତ, ଜଣେ ଗୁରୁତର



କଣିହାଁ (ମହାଭାରତ ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ଥାନା ଅଞ୍ଚଳର ୧୪୯ ନମ୍ବର ଜାତୀୟ ରାଜପଥର ଗଙ୍ଗାଧରପୁର ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ପରେ ଗୋଟିଏ ଟ୍ରକ୍‌ରେ ନିଆଁ ଲାଗି ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କଙ୍କଡ଼ାହାଡ଼ ଅଞ୍ଚଳର ପ୍ରଶାନ୍ତ ସାହୁ। ଗୁରୁତର ଆହତ ଡ୍ରାଇଭରଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ। ତାଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ପାଉଁଶ ବୋଝେଇ ଏକ ହାଇୱା ଖମାର ପଟୁ ଆସୁଥିବା ବେଳେ ପିଟିରି ପଟୁ ଆସୁଥିବା ଏକ ଖାଲି ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଗାଡ଼ି ଦ୍ରୁତ ଗତିରେ ଥିବାରୁ ଧକ୍କା ପରେ ଗୋଟିଏ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ସହ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଖବର ପାଇ ସମଲ ଥାନା ପୋଲିସ ଓ କଣିହାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାରାଦ୍ୱୀପରେ ବିଜେପିର ମିଶ୍ରଣ ପର୍ବ ତୃଣମୂଳସ୍ତରରୁ ଦଳ ସୁଦୃଢ ହେବ: ସମ୍ପଦ

ପାରାଦ୍ୱୀପ, (ମହାଭାରତ) : ପାରାଦ୍ୱୀପ ପୌରପରିଷଦ ୧୫ ନମ୍ବର ୱାର୍ଡ ବଡ଼ ପଡିଆ ଠାରେ ଭାରତୀୟ ଜନତା ପାର୍ଟି ପାରାଦ୍ୱୀପ ନଗର ପକ୍ଷରୁ ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପାରାଦ୍ୱୀପର ଲୋକପ୍ରିୟ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷ କାର୍ଯ୍ୟଶୈଳୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଦକ୍ଷତା, ବିଧାୟକଙ୍କ ବିକାଶମୂଳକ କାମରେ ଅନୁପ୍ରାଣିତ ହୋଇ ୧୫ ନମ୍ବର ୱାର୍ଡର କାଉନସିଲର ସୌଦାମିନୀ ସାହୁଙ୍କ ନେତୃତ୍ୱରେ ନିଜ ୱାର୍ଡର ବିଜେଡି ଓ କଂଗ୍ରେସ ଦଳର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସମେତ ପୌରପରିଷଦର ବିଭିନ୍ନ ୱାର୍ଡର କାର୍ଯ୍ୟକର୍ତ୍ତାମାନେ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି କ୍ଷ



ଆଜିର ଏହି ମିଶ୍ରଣ ପର୍ବ ସୂଚାଉଛି ଯେ, ରାଜ୍ୟରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଟୋପି ପିନ୍ଧାଇ ଦଳ କୁ ସ୍ୱାଗତ କଲେ କ୍ଷ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ। ନୂତନ କରି ଦଳରେ ସାମିଲ ହୋଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ପରିବାରକୁ ସ୍ୱାଗତ। ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଶ୍ରଣ ପର୍ବ ଦ୍ୱାରା ନିଶ୍ଚିତ ଭାବେ ଆମ ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହିତ ସମସ୍ତେ ଏକ ହୋଇ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବା, ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ସମାଜର ଶେଷ ଭାଗରେ ବାସ କରୁଥିବା ଲୋକଟିର ବିକାଶ ନିମନ୍ତେ ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିବା, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାମ ସମ୍ପର୍କରେ ମତ ରଖିଥିଲେ। ଜନପ୍ରିୟ ଜନନେତା ଶ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଡବଲ ଇଞ୍ଜିନ ସରକାର ସବୁବେଳେ ସମର୍ପିତ। ରାଜ୍ୟରେ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନକୁ ଦୁଇ ବର୍ଷ ପୂରଣ ହୋଇସାରିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଲୋକଙ୍କ ସରକାର "ସବକା ସାଥ, ସବକା ବିକାଶ" ମନ୍ତ୍ରକୁ ପାଥେୟ କରି ଗତ ଏକ ବର୍ଷ ମଧ୍ୟରେ କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଭିନ୍ନକ୍ଷମ, ଗରିବ, ପଛୁଆବର୍ଗ, ଦଳିତ ଆଦି ସମସ୍ତ ବର୍ଗର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା କରିପାରିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସେବା, ସୁଶାସନ ଓ ବିକାଶ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକୁ ବାସ୍ତବତାରେ ପରିଣତ କରିପାରିଛୁ ।୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଲୋକଙ୍କ ସରକାର ଦୃଢ ସଂକଳ୍ପ ନେଇଛନ୍ତି କ୍ଷ ରାଜ୍ୟକୁ ସମୃଦ୍ଧ ତଥା ବିକଶିତ ଭାବେ ଗଢି ତୋଳିବାକୁ ହେଲେ ଜିଲ୍ଲା ଗୁଡିକୁ ମଧ ସମୃଦ୍ଧ ତଥା ବିକଶିତ କରିବାକୁ ହେବ କ୍ଷ ଏହାସହ ରାଜ୍ୟର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ୍ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି କ୍ଷ ଆଜି ଲୋକମାନେ ସରକାର ର ଖୁବ ନିକଟତର ହୋଇପାରିଛନ୍ତି। ନିଜର ସୁବିଧା, ଅସୁବିଧା ସରକାର ଙ୍କ ନିକଟରେ ଜଣାଇପାରୁଛନ୍ତି, ସେଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ସରକାର ରେ ଲୋକମାନେ ହିଁ ସର୍ବେସର୍ବା। ଆଜି ଲୋକ ମାନଙ୍କର ସରକାର ଙ୍କ ପ୍ରତି ଆସ୍ଥା, ବିଶ୍ୱାସ, ଭରଷା ବୃଦ୍ଧି ପାଇଛି। ଏହି ମିଶ୍ରଣ ପର୍ବରେ ଶତାଧିକ ଲୋକଙ୍କ ସହିତ ଜନ ପ୍ରତିନିଧି, ମହିଳା, ଯୁବକ, ବୃଦ୍ଧିଜୀବିମାନେ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ଜଗତସିଂପୁର ସାଂସଦ ବିଭୂ ପ୍ରସାଦ ତରାଇ, ସୁବ୍ରତ ପ୍ରଧାନ, ସର୍ବେଶ୍ୱର ବଳିୟାରସିଂ, ଯୁଗୋଳ କିଶୋର ପ୍ରଧାନ ପ୍ରତାପ ନାୟକ , ସୋଲେମାନ ରାଜୁ, ବଜରଙ୍ଗ ସ୍ୱାଇଁ, ସୌଦାମିନୀ ସାହୁ, ସଂଗ୍ରାମ ଦାସ, ବିଜୟ କୁମାର ବାରିକ, ବିଜୟ କୁମାର ଆଚାର୍ଯ୍ୟ, ସର୍ବେଶ୍ୱର ଜେନା, ଅର୍ଜିଲ ଶିବା, ଦିଲ୍ଲୀପ କିଶୋର ବେହେରା, ରଞ୍ଜନ ବେହେରା, ଜିତେନ୍ଦ୍ର ସାହୁ, ପ୍ରତାପ ନାୟକ, ଅମୀୟ ପାଣି, ଗୋଲେଖ ସାହୁ, ହୃଷିକେଶ ଦାସ, ଦିଲ୍ଲୀପ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





# ଜରାଜୀର୍ଣ୍ଣ ସିଙ୍ଗିଡା ନାଳ ଓଭରବ୍ରିଜରେ ବଢୁଛି ବିପଦ,

## ଶୀଘ୍ର ମରାମତି ପାଇଁ ଜନଦାବି



କଣିହାଁ, (ମହାଭାରତ ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବାଲାଙ୍ଗୀ ଓ ନକନକା ଗ୍ରାମ ନିକଟରେ ସିଙ୍ଗିଡା ନାଳ ଉପରେ ନିର୍ମିତ ପ୍ରାୟ ୩୫ ବର୍ଷ ପୁରୁଣା ଓଭରବ୍ରିଜ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବାରୁ ଦୁର୍ଘଟଣା ଆଶଙ୍କା ବଢ଼ିଛି। ବ୍ରିଜର ଚଟାଣରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବାବେଳେ ପ୍ରତିଦିନ ଏହା ଉପରେ ଶତାଧିକ କୋଇଲା ଓ ପାଉଁଶ ବୋଝେଇ ଭାରୀ ଟ୍ରକ ଚଳାଚଳ କରୁଛି। ଏହି ବ୍ରିଜଟି ଏନଟିପିସି ତାଳଚେର-କଣିହାଁ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ ସମୟରେ ଭାରୀ ଯନ୍ତ୍ରାଂଶ ପରିବହନ ଓ ସଡ଼କ ସଂଯୋଗ ପାଇଁ ନିର୍ମାଣ କରାଯାଇଥିଲା। ପରେ ଏହି ସଡ଼କ ଜାତୀୟ ରାଜପଥ-୫୩ର ଅଂଶ ହେବା ସହ କଣିହାଁ ଶିଳ୍ପାଞ୍ଚଳର ଅନ୍ୟତମ ବ୍ୟସ୍ତ ସଡ଼କରେ ପରିଣତ ହୋଇଛି। ଦୀର୍ଘ ବର୍ଷ ଧରି ଅତ୍ୟଧିକ ଭାରୀଯାନ ଚଳାଚଳ ଯୋଗୁଁ ବ୍ରିଜର ଅବସ୍ଥା ଦୁର୍ବଳ ହୋଇପଡ଼ିଛି। ସ୍ଥାନୀୟଙ୍କ ଅଭିଯୋଗ ଅନୁସାରେ, ଭାରୀଯାନ ଯିବାବେଳେ ବ୍ରିଜରେ କମ୍ପନ ଅନୁଭୂତ ହେଉଛି। ଏପର୍ଯ୍ୟନ୍ତ ବ୍ରିଜର ବୈଷୟିକ ଯାଞ୍ଚ କିମ୍ବା ମରାମତି ପାଇଁ କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସ୍ଥାନୀୟବାସୀଙ୍କ ମଧ୍ୟରେ ଉଦବେଗ ବଢ଼ିଛି।ଏହି ପରିସ୍ଥିତିରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ବ୍ରିଜର ବୈଷୟିକ ଯାଞ୍ଚ କରି ଆବଶ୍ୟକ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସମୟୋପଯୋଗୀ ପଦକ୍ଷେପ ନିଆଯାଇନଥିଲେ ଭବିଷ୍ୟତରେ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଥିବା ସେମାନେ ପ୍ରକାଶ କରିଛନ୍ତି।

## ମାଲକାନଗିରିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଆରମ୍ଭ ହେବ ଉଚ୍ଚତର ସିଲେଇ ତାଲିମ



ମାଲକାନଗିର(ମହାଭାରତ):ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରାଯାଉଛି। ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ନେତୃତ୍ୱରେ ଗ୍ରାମାଞ୍ଚଳର ମହିଳାମାନଙ୍କ ଆର୍ଥିକ ଉନ୍ନତି ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଦକ୍ଷତା ବୃଦ୍ଧିମୂଳକ କାର୍ଯ୍ୟକ୍ରମ ଉପରେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଉଛି।ଏହି କ୍ରମରେ ମାଲକାନଗିରି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଗୁପ୍ତ ମାଢ଼ି ଏବଂ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ମାର୍କାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଡ଼ାଭଟା ଗ୍ରାମ ପରିଦର୍ଶନ କରିଥିଲେୟ ସେଠାରେ ସେମାନେ ଗୁରୁପ୍ରିୟା ଟେଲରିଂ ପ୍ରୋଡ୍ୟୁସର ଗ୍ରୁପର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟାମାନଙ୍କ ସହ ସେମାନଙ୍କ ଜୀବିକା ଓ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ।ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମହିଳାମାନଙ୍କୁ ବ୍ୟବସାୟିକ ସ୍ତରରେ ସଫଳ କରିବା ପାଇଁ ଖୁବ୍ ଶୀଘ୍ର ଏକ ଉଚ୍ଚତର ସିଲେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ।ଜିଲ୍ଲାପାଳଙ୍କ ସୂଚ୍ଚରୁ ନେତୃତ୍ୱରେ ପରିଚାଳିତ ଏହି ଅଭିଯାନ ଜିଲ୍ଲାର ପ୍ରାନ୍ତୀୟ ଅଞ୍ଚଳରେ ମହିଳା ସଶକ୍ତିକରଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛିୟ

## ହାଡଭାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ବିଧାୟକ



ଗଜପତି(ମହାଭରତ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ହାଦଭାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ବିଧାୟକ। ବିଧାୟକ ରୁପେଶ ପାଣଗ୍ରାହୀଙ୍କ , ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅବ୍ୟବସ୍ଥା ନେଇ ସ୍ଥାନୀୟ ଲୋକେ ଓ ସ୍ଥାନୀୟ ସରପଞ୍ଚ ଟେଜେଶ୍ୱର୍ ରାଓ ଅଭିଯୋଗ କରିବା ଯୋଗୁଁ ଆଜି ବିଧାୟକ ସେଠି ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଲିଦେଖିଥିଲେ ,ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ କୌଣସି ସୁବିଧା ନଥିବାରୁ ଆଜି ବିଧାୟକ କ୍ଷୁବ୍ଧ ହେବା ସହ ତୁରନ୍ତ ଏଥି ପ୍ରତିଟି ତେଉରନ୍ତ ପଦକ୍ଷେପ ନେଇ ମରାମତି କରିବା ସହ ପରିବେଶ ମଧ୍ୟରେ ଥିବା ଅପରିବେଶକ କୁ ସୁଧେରିବା କୁ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଛନ୍ତ। ଏହି ଗ୍ରସ୍ତ ସମୟରେ ବିଧାୟକ ସମେତ ସ୍ଥାନିତ ସରପଞ୍ଚ ତେଜେଶ୍ୱର ରାଓ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରା ପାଇଁ ମା ମଙ୍ଗଳାଙ୍କ ଆଶିଷ ନେଲେ ଆଇଜି



କାକଟପୁର(ମହାଭାରତ):ଶୃଙ୍ଖଳିତ ରଥଯାତ୍ରା ପାଇଁ ମା ମଙ୍ଗଳାଙ୍କୁ ପୂଜାର୍ଚ୍ଚନା ସହ ମାଙ୍କ ଅଜ୍ଞ୍ୟାମାଳ ଗ୍ରହଣ କଲେ କେନ୍ଦ୍ରାଞ୍ଚଳ ଆଇ ଜି ସତ୍ୟଜିତ ନାୟକ ।ଚକିତ ବର୍ଷ ଶୃଙ୍ଖଳିତ ରଥ ଯାତ୍ରା ପାଇଁ ତ୍ରିସ୍ତରୀୟ ମେଗା ସୁରକ୍ଷା ବ୍ୟବସ୍ଥା । ମୁତୟନ ହେବେ ୧୯ ଜଣ ଆଇପିଏସ ,୨୩ଜଣ ଏସ ପି ଙ୍କ ସମେତ ୧୨ ହଜାର ପୁଲିସ ଫୋର୍ସ । ସାମୁଦ୍ରିକ ସୁରକ୍ଷା ପାଇଁ ନାଭି ଓ କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ହେବ ସ୍ୱତନ୍ତ୍ର ସିପ ପାଟ୍ରୋଲିଂ,ଚଳିତ ବର୍ଷ ଶୃଙ୍ଖଳିତ ରଥଯାତ୍ରା ପାଇଁ ଆଜି ସକାଳୁ କେନ୍ଦ୍ରାଞ୍ଚଳ ଆଇ ଜି ସତ୍ୟଜିତ ନାୟକ କାକଟପୁର ଗସ୍ତ କରି ମା ମଙ୍ଗଳାଙ୍କୁ ଦର୍ଶନ କରିବା ସହ ମାଙ୍କ ସେବକ ମାନଙ୍କ ଠାରୁ ଅଜ୍ଞ୍ୟାମାଳ ଗ୍ରହଣ କରିଛନ୍ତି । ତେବେ ଚଳିତ ବର୍ଷ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ରଥଯାତ୍ରାର ସୁ ପରିଚାଳନା ପାଇଁ ତ୍ରିସ୍ତାରୀୟ ମେଗା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇ ଜି କହିଛନ୍ତି ଶ୍ରୀକ୍ଷେତ୍ରର ସୁରକ୍ଷା ପାଇଁ ଶ୍ରୀମନ୍ଦିର ଶ୍ରୀମନ୍ଦିର ବାହାରେ ,ବଡଦାଣ୍ଡ , ପାର୍କିଂ ସ୍ଥାନ ,କଣ୍ଟ୍ରୋଲ ରୁମ ଆଦି ବିଭିନ୍ନ ସ୍ଥାନକୁ ୧୦ଟି ସେକ୍ଟର ରେ ବିଭକ୍ତ କରାଯାଇଛି । ସୁରକ୍ଷା ଅଧିକାରୀ ମାନେ ପୃଥକ ପୃଥକ ଭାବେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବେ । ୪୦୦ ସି ସି କ୍ୟାମେରା , ୬୫ଟି ଏଲଇଡି ଲଗାଯିବା ସହ ୧୯ଜଣ ଆଇ ପି ଏସ ,୨୩ଜଣ ଏସ ପି ,୨୨୦ ପ୍ଲାଟୁନ ଫୋର୍ସ , ୧୦୦୦ରୁ ଉର୍ଦ୍ଧ୍ୱଏସ ଆଇ ଓ ଏ ଏସ ଆଇ , ଏନ ଏସ ଜି କମାଣ୍ଡୋ ,ରାପିଡ଼ ଆକ୍ସନ ଫୋର୍ସଙ୍କ ସହ ୧୫ କମ୍ପାନୀ ସେଣ୍ଟ୍ରାଲ ପାରାମିଲିଟାରି ଫୋର୍ସ ସହ ସମୁଦାୟ ୧୨ହଜାର ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ୨୪/୭ ଘଣ୍ଟିଆ କଣ୍ଟ୍ରୋଲ ରୁମ ଓ ନାଭି , କୋଷ୍ଟଗାର୍ଡ ପକ୍ଷରୁ ସାମୁଦ୍ରିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସିପ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇ ଜି ଶ୍ରୀଯୁକ୍ତ ନାୟକ କହିଥିଲେ।

## ଭଙ୍ଗା ଘରେ କଟୁଛି ବିଧବା ମହିଳା-ଶିଶୁଙ୍କ ଜୀବନ

### ଆବାସ ଯୋଜନା ପାଲଟିଛି ପ୍ରହସନ



ରାଇରଙ୍ଗପୁର/ବାଦାମପାହାଡ଼ : ମୌସୁମୀର ପ୍ରଭାବରେ ସାରା ଓଡ଼ିଶାରେ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବହୁ ଲୋକଙ୍କ ଦିନ କଟୁଛି ଭଙ୍ଗା ଘରେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାଳମାଳ ଯୋଜନା ଥିଲେ ମଧ୍ୟ ପ୍ରକୃତ ହିତାଧିକାରୀ ସେଥିରୁ ବଞ୍ଚିତ ହେଉଛନ୍ତି। ତେବେ ଏଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜଜିଲ୍ଲା କୁସୁମୀ ବ୍ଲକ ଅନ୍ତର୍ଗତ ହାଟବାଦଡା ଗ୍ରାମର କଲୋନିସାହିରେ। ସେହି ଗ୍ରାମର ବିଧବା ମହିଳା ଜଣକ ହେଉଛନ୍ତି ସୁନନ୍ଦା ନାଏକ। ଯିଏ ଝୋମ ଝୋମ ବର୍ଷା ହେଉଥିବା ସତ୍ତ୍ୱେ କୌଣସି ଉପାୟ ନ ପାଇ ପା□ ବର୍ଷର ଶିଶୁଙ୍କୁ ଧରି ଭଙ୍ଗା ଘରେ ଦିନ କାଟୁଛନ୍ତି। ତାଙ୍କ ଘରେ ନାହିଁ ବିଦ୍ୟୁତ କି ଆଲୁଅ। କେତେବେଳେ କାନ୍ଥ ଭାଙ୍ଗି ମାଆ ପୁଅଙ୍କ ଉପରେ ପଡ଼ିଯିବ ତାହା ଭଗବାନ ଭରସାୟ ତାଙ୍କର କହିବା ଅନୁସାରେ ସେ ଆବାସ ଯୋଜନାରେ ଘର ପାଇଁ ବାରମ୍ବାର ଆବେଦନ କରିଥିଲେ କିନ୍ତୁ ଚଳିତ ବର୍ଷ ଆବାସ ଲିଷ୍ଟରେ ତାଙ୍କର ନାମ ନାହିଁ। ତେଣୁ କୌଣସି ଉପାୟ ନ ପାଇ ବାଧ ହୋଇ ପାଞ୍ଚ ବର୍ଷର ଶିଶୁକୁ ଧରି ଭଙ୍ଗା ଘରେ ଦିନ କୋଟାଉଛନ୍ତି। ଗୋପବନ୍ଧୁ ଲେପ୍ରସି କଲୋନି, ଭଙ୍ଗା ଘରେ ମୁଣ୍ଡ ଗୁଞ୍ଜିଛନ୍ତିଅପରପକ୍ଷରେ ସରକାରଙ୍କ ପାଖରୁ କେବଳ ୫ କେ.ଜି ଚାଉଳ ପାଉଥିବାରୁ ଗୋଟିଏ ମାସ ଚଳିବାକୁ ବହୁ କଷ୍ଟ ହେଉଛ। ଏଣୁ ତାଙ୍କ ଦାରିଦ୍ରତାକୁ ଦୃଷ୍ଟିରେ ରଖି ସରକାର ଯଥାଶୀଘ୍ର ଆବାସ ଗୃହ ଏବଂ ଅନ୍ତର୍ଦୟ ଯୋଜନାରେ ରାସନ କାର୍ଡ ଯୋଗାଇ ଦେବାକୁ ଗଣମାଧ୍ୟମ ଜରିଆରେ ଦାବୀ କରିଛନ୍ତି। ଏନେଇ ପିଇଓ ଜନ୍ମେଜୟ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଉକ୍ତ ମହିଳାଙ୍କ ଜାଗା (ଜମି) ନଥିବାରୁ ଆବାସ ଯୋଜନାରେ ତାଙ୍କର ନାମ ଆସିନାହିଁ ତେଣୁ ସୁନନ୍ଦାଙ୍କୁ ଅନ୍ତର୍ଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହିତ ସେ ସମ୍ବନ୍ଧରେ ଆଲୋଚନା କରି ଆବାସ ଯୋଜନାରେ ଘର ଯୋଗାଇବାକୁ ଚେଷ୍ଟା କରିବେ ବୋଲି ନିଜ ମତ ରଖିଛନ୍ତି।

## ମାଲକାନଗିରି ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ମାଲକାନଗିରି,(ମହାଭାରତ):ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସବୁଜ ଏବଂ ସୁନ୍ଦର ପରିବେଶ ଗଠନ ଲକ୍ଷ୍ୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବନ ମହୋତ୍ସବ ବ୍ୟାପକ ଭାବେ ପାଳିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଅଭିଯାନରେ ବିଦ୍ୟାଳୟଗୁଡ଼ିକର ଇକୋ କ୍ଲବ୍ , ଜୁନିୟର ରେଡକ୍ରସ , ସ୍କାଉଟ୍ସ ଓ ଗାଇଡ୍ସ ର କ୍ୟାଡେଟ୍ମାନଙ୍କ ସମେତ ସାଧାରଣ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ । ବିଦ୍ୟାଳୟ ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ଶତାଧିକ ମୂଲ୍ୟବାନ ତଥା ଔଷଧୀୟ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ବିଦ୍ୟାଳୟ ସ୍ତରରୁ ହିଁ ପିଲାମାନଙ୍କ ମନରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଓ ପ୍ରତିପାଳନ ଦାୟିତ୍ୱ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଛି । ଏହି ବନ ମହୋତ୍ସବ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାର ଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ସମାଜର ମିଳିତ ପ୍ରୟାସରେ ଏକ ଜଣ ଆନ୍ଦୋଳନର ରୂପ ନେଇଛି, ଯାହାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

## ଟ୍ରାକ୍ଟର ଧକ୍କାରେ ସାଇକେଲ ଚାଳକ ଗୁରୁତର



ବ୍ରହ୍ମଗିରି(ମହାଭାରତ)- ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ସାଇକେଲ ଚାଳକ ଗୁରୁତର। ଗୁରୁତର ସାଇକେଲ ଚାଳକ ଜଣକ ହେଉଛନ୍ତି ନାଗେଶ୍ୱର ଗ୍ରାମର ଶମ୍ଭୁନାଥ ସାମନ୍ତରା । ଆହତ ଶମ୍ଭୁନାଥଙ୍କୁ ଚିକିତ୍ସା ପାଇଁ ଡାକ୍ତର ଖାନା ପଠା ଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଓ ଦୁର୍ଘଟଣା ଗ୍ରସ୍ତ ସାଇକେଲକୁ ବ୍ରହ୍ମଗିରି ପୋଲିସ ଜବତ କରିଛି। ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ବ୍ରହ୍ମଗିରି ଚଳଚଞ୍ଚଳ। ରାଜରାସ୍ତା ଠୁ ଆରମ୍ଭ କରି ପ୍ରତି ଗଳି କନ୍ଦି ପର୍ଯ୍ୟନ୍ତ ସବୁଠି ଗାଡି ଭିଡ। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସବୁଠି ପୋଲିସ ମୁତୟନ ହୋଇଛନ୍ତି। ବ୍ରହ୍ମଗିରି ବଜାରରେ ଭାରିଯାନ ଚାଲିବା ପାଇଁ କଟକଣା ଜାରି କରାଯାଇଛି। ମାତ୍ର କିଛି ମାଫିଆଙ୍କ ପାଇଁ ଏହା ପାଣିର ଗାର ହୋଇଛି। ପ୍ରଶାସନ ଆଖିରେ ଧୂଳି ଦେଇ ରାଜରାସ୍ତାରେ କଟକଣା ସମୟରେ ଚାଲୁଛି ଭାରିଯାନ। ବିନା ଅନୁମତିରେ ଚାଲୁଛି ବେଆଇନ ମାଟି ଓ ବାଲି ଚାଲାଣ। ହଜାର ହଜାର ଟ୍ରିପ ମାଟି ବୁହାଯାଉଛି ଟ୍ରାକ୍ଟରରେୟ ସବୁଦେଖି ରାଜସ୍ୱ ବିଭାଗ ନିରବ। ଜବତ ହୋଇଥିବା ଟ୍ରାକ୍ଟରର କୌଣସି ନମ୍ବର ନଥିଲା ବେଳେ ପୋଲିସ ଏହା ଉପରେ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକିରହିଲା।

## ମଦ ପିଇବାକୁ ନେଇ ତୁମୁଳକାଣ୍ଡ

### ୫ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବେ ମୁଖ୍ୟ ଅଭିଯୁକ୍ତ

ଗଜପତି (ମହାଭାରତ): ପାରଳାଖେମୁଣ୍ଡିସ୍ଥିତ ପୁରୁଣାପାଟଣା ଯିବା ରାସ୍ତାରେ ଅବସ୍ଥିତ ରୋୟାଲ ବାର ଏବଂ ରେଷ୍ଟୁରାଣ୍ଟରେ ମଦ ପିଇବାକୁ ନେଇ ୨୦୨୪ମସିହା ମେ ମାସ ୩ତାରିଖରେ ଘଟିଥିବା ତୁମୁଳକାଣ୍ଡ ଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୪ରେ ପାରଳାଖେମୁଣ୍ଡି ମଡେଲ ଥାନା ଅନ୍ତର୍ଗତ ସେରୀ ସାହି ନିବାସୀ ଅଭିଯୁକ୍ତ ତୋଟା ନିଲ୍ଲମ ଓରଫ ତୋଟା ନୀଳକଣ୍ଠ ରାଓ (୩୭ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷର ସଶ୍ରମ କାରାଦଣ୍ଡ ତଥା ଧାରା ୩୨୫ରେ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି। ତଥା ଜୋରିମାନା ଅନାଦେୟ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୦୩-୦୫-୨୦୨୪ରିଖରେ ଅଭିଯୁକ୍ତ ଜଣଙ୍କ ମଧ୍ୟାହ୍ନ ସମୟରେ ଉକ୍ତ ବାରକୁ ମଦ ପିଇବାକୁ ଆସି ମଦ ମାଗିଥିଲେ ଓ ଉପସ୍ଥିତ କର୍ମଚାରୀ ଟୁନା କାର୍ଜି ସର୍ଭିସ ଦେବା ସମୟରେ ତାଙ୍କୁ ସେ ହାର୍ଡ ସୋଡା ବୋତଲ କିଣି ଆଣିବାକୁ ପଇସା ଦେଇଥିଲେ। କିନ୍ତୁ ଉକ୍ତ କର୍ମଚାରୀ ଦୋକାନ ବନ୍ଦ ଅଛି କହି ପଇସା ଫେରାଇ ଦେଇଥିଲେ। ପରେ ଅଭିଯୁକ୍ତଜଣଙ୍କ ବାହାରୁ କେଉଁଠୁ ସୋଡା ଆଣି ସେଠି ସୋଡା ଓ ମଦ ମିଶାଇ ପିଇବା ପରେ ଉପରୋକ୍ତ କର୍ମଚାରୀଙ୍କୁ ବିନା କାରଣରେ ଡାକି ଅଭଦ୍ର ଭାଷାରେ ଗାଳି ଦେବା ସହ ତାଙ୍କ ମୁହଁକୁ ମୁଥ ମାରି କ୍ଷତାକ୍ତ କରିଥିଲେ। ସେତେବେଳେ ଉକ୍ତ ବାରର ମ୍ୟାନେଜର ତଥା ଏତଲାକାରୀ ଭି. ଶ୍ରୀନିବାସ ରାଓ ଏହାକୁ ବିରୋଧ କରି ଅଭିଯୁକ୍ତଙ୍କୁ ଅଟକାଇବାରୁ ଅଭିଯୁକ୍ତ ଜଣଙ୍କ ସେହି ମଦ ବୋତଲରେ ତାଙ୍କ ପେଟକୁ ଭୂଷିବାକୁ ଗଲା ବେଳେ ସେ ହାତରେ ଅଟକାଇବାରୁ ତାଙ୍କର ଡାହାଣ ହାତ ରକ୍ତାକ୍ତ ହୋଇଥିଲା ଓ ପରେ ସେହିଭଳି ତାଙ୍କ ବାମ ହାତ ଆଙ୍ଗୁଠି ଭାଙ୍ଗି ଯାଇଥିଲା। ନିଜକୁ ବଞ୍ଚାଇବାକୁ ଯାଇ ଏତଲାକାରି ଯେତେବେଳେ ଥାନା ଆଡ଼କୁ ଦୌଡୁଥିଲେ ସେତେବେଳେ ଅଭିଯୁକ୍ତଜଣଙ୍କ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ମଦ ବୋତଲରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେବା ସହ ଜୀବନରେ ମାରିବାକୁ ଧମକ ଦେଇଥିଲେ। ରକ୍ତାକ୍ତ ଅବସ୍ଥାରେ ଏତଲାକାରୀ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ନାଁରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସଙ୍ଗିନ ମାମଲା ଦାୟର କରିଥିଲେ ଯାହାକି ମାମଲା ନମ୍ବର ୧୬୦/୨୪ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ତତ୍କାଳୀନ ସବ ଇନ୍ସପେକ୍ଟର ଲକ୍ଷ୍ମଣ ବେଶ୍ରା ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ୯ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ଦସ୍ତାବିଜକୁ ଆଧାର କରି ମାନ୍ୟବର ନ୍ୟାୟାଧୀଶ ଅଭିଯୁକ୍ତଙ୍କୁ ୫ବର୍ଷର ସଶ୍ରମ ସଜା ଶୁଣାଇଛନ୍ତି।

### କାଳ ହେଲା ଲଗାଣ ବର୍ଷା

## ଜଳଭଣ୍ଡାର ଭିତରେ ପଡ଼ିରହିଛି ୫ କୋଟିର ମାଖନ

ଝାରସୁଗୁଡ଼ା: ଲଗାଣ ବର୍ଷା କାଳ ହେଲା। ହୀରାକୁଦ ଜଳଭଣ୍ଡାରର ଶୁଖିଲା ନଈପଠାରେ ହୋଇଥିବା ହଜାର ହଜାର ଏକର ପରିବା ଚାଷ ଠିକ୍ ଅମଳ ବେଳକୁ ପ୍ରଭାବିତ ହୋଇଛି। ବର୍ତ୍ତମାନ ଲଖନପୁର ବ୍ଲକ୍ ଜଳଭଣ୍ଡାର ସଂଲଗ୍ନ ଅଞ୍ଚଳରେ ହୋଇଥିବା ପରିବା ଯୋଗାଣ ହୋଇପାରୁନାହିଁ। ଗତ ସପ୍ତାହର ବର୍ଷା ଫଳରେ ବର୍ତ୍ତମାନ ପରିବା ବାଡ଼ିକୁ ଗାଡ଼ି ପଶି ପାରୁନାହ। ଯାହାଦ୍ୱାରା ଶହ ଶହ ଟ୍ରକ୍ କଖାରୁ (ମାଖନ) ଏବଂ ଲାଉ ଭଳି ପରିବା ବାଡ଼ି ଭିତରେ ହିଁ ପଡ଼ିରହିଛି। ଆକଳନ ଅନୁଯାୟୀ ୬ଟି ପଞ୍ଚାୟତରେ ହୋଇଥିବା ପ୍ରାୟ ୫ କୋଟିରୁ ଅଧିକ ଟଙ୍କାର ମାଖନ ଓ ଲାଉ ସଂଗ୍ରହ ହୋଇ ପାରୁନାହିଁ।ପ୍ରତିବର୍ଷ ଖରାଦିନେ ଲଖନପୁର ବ୍ଲକ୍ ପଲସଦା ପଞ୍ଚାୟତ ଅନ୍ତର୍ଗତ ପଲସଦା, ଝାରୁପଡ଼ା, ନାଚେନମୁରା, କତରବଗା ପଞ୍ଚାୟତର କତରବଗା, ସାହାସବଗା, ଜମଗାଁ ପଞ୍ଚାୟତର ଜମଗାଁ, ଲଛିପାଲି, ଭିକମପାଲି ପଞ୍ଚାୟତର ପୂଝାରିପାଲି, କପିଲାପୁର, ବାଦିମାଲ ପଞ୍ଚାୟତର ବଡ଼ଧରା, କୁସମେଲ, ସମରବଗା ପଞ୍ଚାୟତର ଦୁଆନମୁଣ୍ଡା, କୁରେବଗା ଆଦି ବିଭିନ୍ନ ଗାଁରେ ବହୁଳ ଭାବେ ପନିପରିବା ଚାଷ ହୋଇଆସୁଛି। ଖରା ଦିନେ ଜଳଭଣ୍ଡାରର ପଟୁମାଟିରେ ମାଖନ, ଲାଉ, ତରଭୁଜ, କଲରା, ବାଇଗଣ ଆଦି ବିଭିନ୍ନ ପ୍ରକାରର ପରିବା ଅମଳ ହୋଇଥାଏ। ଏହି ୪ ମାସ ମଧ୍ୟରେ କେବଳ ଏହି ୬ଟି ପଞ୍ଚାୟତରେ ପାଖାପାଖି ୨୦ କୋଟିରୁ ଅଧିକ ଟଙ୍କାର ପରିବା ଅମଳ ହେଉଥିବାବେଳେ ଏହା ଛତିଶଗଡ଼ରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ପ୍ରାନ୍ତରକୁ ଯୋଗାଣ ହୋଇଥାଏ।ଏଥିରୁ ଅଧିକାଂଶ ମାତ୍ରାରେ ମାଖନ ଓ ଲାଉ ଚାଷ ହୋଇଥାଏ। ଜଳଭଣ୍ଡାରରେ ପାଣି ଭର୍ତ୍ତି ହେବା ପର୍ଯ୍ୟନ୍ତ ଏହି ଦୁଇ ପରିବା ସଂଗ୍ରହ ହୋଇଥାଏ। ପ୍ରତିଦିନ ବଡ଼ବଡ଼ ଟ୍ରକ୍ରେ ମାଖନ ଓ ଲାଉ ବିଭିନ୍ନ ଅଞ୍ଚଳକୁ ଯୋଗାଣ ହୋଇଥାଏ। ଚାଷୀଙ୍କ ସୂଚନା ଅନୁଯାୟୀ, ଏବେ ବି ପାଖାପାଖି ୫ କୋଟି ଟଙ୍କାର ମାଖନ ଓ ଲାଉ ବିକ୍ରି ନ ହୋଇ ପଡ଼ିରହିଛି। ଅଧିକ ଦିନ କାଦୁଅରେ ପଡ଼ିରହିଲେ ତାହା ପଚି ନଷ୍ଟ ହେବ।



## ସ୍ପିଡ୍ ବୋଟ୍ ବୁଡ଼ି ୧୫ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ, ଉଦ୍ଧାର କାର୍ଯ୍ୟ ଜାରି

ଭିଏତନାମ: ଭିଏତନାମରେ ବଡ଼ ଅଘଟଣ । ସ୍ପିଡ୍ ବୋଟ୍ ବୁଡ଼ି ୧୫ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ । ଉଦ୍ଧାର କାର୍ଯ୍ୟ ଜାରି । ଦକ୍ଷିଣ ଭିଏତନାମର ପ୍ରସିଦ୍ଧ ଫୁ କ୍ୱୋକ ଦ୍ୱୀପ ନିକଟରେ ଏକ ଯାତ୍ରୀବାହୀ ସ୍ପିଡ୍ ବୋଟ୍ ସମୁଦ୍ର ମଝିରେ ଓଲଟି ପଡ଼ିବା ଫଳରେ ୧୫ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ଅନେକ ଲୋକ ନିଖୋଜ ଥିବା ବେଳେ ବର୍ତ୍ତମାନ ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବୋଟ୍ ରେ ମୋଟ ୩୬ ଜଣ ଥିଲେ, ଯେଉଁଥିରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଏବଂ ୪ ଜଣ ବୋଟ୍ କର୍ମଚାରୀ ସାମିଲ ଥିଲେ । ସମୁଦ୍ରରେ ପ୍ରବଳ ଉଚ୍ଚ ଜୁଆର ଏବଂ ଖରାପ ପାଗ ଯୋଗୁଁ ଭାରସାମ୍ୟ ହରାଇ ବୋଟ୍ ଟି ଓଲଟି ପଡ଼ିଥିଲା । ସ୍ଥାନୀୟ ପ୍ରଶାସନ, ଭିଏତନାମ ବର୍ଡର ଗାର୍ଡ ଏବଂ ନୌସେନା ପକ୍ଷରୁ ସମୁଦ୍ରରେ ବ୍ୟାପକ ସର୍ଚ୍ଚ ଅପରେସନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଭିଏତନାମରେ ଥିବା ଭାରତୀୟ ଦୂତାବାସ ସ୍ଥାନୀୟ ଅଧିକାରୀଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି ଏବଂ ମୃତାହତଙ୍କ ପରିଚୟ ସ୍ପଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି ।

# ମୁଁ ଗାନ୍ଧୀ କିମ୍ବା ହିରୋ ନୁହେଁ, କେବଳ ଜଣେ ସାଧାରଣ ନାଗରିକ: ସୋନମ ୱାଙ୍ଗଚୁକ୍



ନୂଆଦିଲ୍ଲୀ: ପରୀକ୍ଷାରେ ହେଉଥିବା ଅନିୟମିତତା ବିରୋଧରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ଆଜି ୨୨ ଦିନରେ ପହଞ୍ଚିଛି । ଏହି ଆନ୍ଦୋଳନରେ ସାମିଲ ହୋଇ ପ୍ରଖ୍ୟାତ ଶିକ୍ଷାବିତ୍ ତଥା ପରିବେଶ ପ୍ରେମୀ ସୋନମ ୱାଙ୍ଗଚୁକ୍ ତାଙ୍କର ଆମରଣ ଅନଶନର ୧୪ତମ ଦିନରେ ପ୍ରବେଶ କରିଛନ୍ତି । ଅନଶନ ଯୋଗୁଁ ତାଙ୍କ ଓଜନ ପ୍ରାୟ ୭.୫ କିଲୋଗ୍ରାମ ହ୍ରାସ ପାଇଛି । ଏହି ସମୟରେ ଏକ ଭିଡିଓ ବାର୍ତ୍ତା ଜାରି କରି ସେ କହିଛନ୍ତି, 'ମୁଁ କୌଣସି ୨୧ତମ ଶତାବ୍ଦୀର ଗାନ୍ଧୀ ବା ହିରୋ ନୁହେଁ, ମୁଁ ଜଣେ ସାଧାରଣ ନାଗରିକ ଯିଏ ନିଜର ଦାୟିତ୍ୱ ତୁଲାଉଛି ।' ସେ ଲୋକମାନଙ୍କୁ ଅନ୍ୟ କାହା ମଧ୍ୟରେ ହିରୋ ନଖୋଜି ନିଜ ଜୀବନର ହିରୋ ନିଜେ ହେବାକୁ ଏବଂ ଜଣେ ସଚେତନ ନାଗରିକ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ପରୀକ୍ଷା ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗ ଉଠାଇ ୱାଙ୍ଗଚୁକ୍ ଲୋକଙ୍କୁ ନିଷ୍କ୍ରିୟ ନରହି ଆନ୍ଦୋଳନରେ ଯୋଗଦେବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ଯଦି ସେହି ପୀଡ଼ିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆପଣଙ୍କ ଭଉଣୀ ବା ଝିଅ ଥାଆନ୍ତେ, ତେବେ ଆପଣ ନିଶ୍ଚୟ ଆସିଥାନ୍ତେ, ତେଣୁ ସେଭଳି ସ୍ଥିତିକୁ ଅପେକ୍ଷା ନକରି ଅନ୍ତତଃ ପକ୍ଷେ ଗୋଟିଏ ଦିନ ପାଇଁ ଯନ୍ତରମନ୍ତର ଆସନ୍ତୁ କିମ୍ବା ନିଜ ନିଜ ସ୍ଥାନରେ ରହି ଉପବାସ ପାଳନ କରନ୍ତୁ । ଏହି ସଂଗଠନ (ସିଜେପି) ପକ୍ଷରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ମୃତ ଛାତ୍ରଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରାଯାଉଛି । ଏହା ସହ ଲାଦାଖର ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ମଧ୍ୟ ୱାଙ୍ଗଚୁକ୍ ଦାବି କରିଛନ୍ତି ।

ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନ ଅର୍ଥାତ୍ ଜୁଲାଇ ୨୦ ତାରିଖରେ ଏକ ଶାନ୍ତିପୂର୍ଣ୍ଣ ସଂସଦ ମାର୍ଚ୍ଚର ଆୟୋଜନ କରାଯାଇଛି, ଯେଉଁଥିରେ ସାଂସଦମାନଙ୍କୁ ଏହି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ୱାଙ୍ଗଚୁକ୍ ସମସ୍ତ ଜନସାଧାରଣଙ୍କୁ ଖାଇପିଇ ସେହି ମାର୍ଚ୍ଚରେ ସାମିଲ ହେବାକୁ ନିବେଦନ କରିଛନ୍ତି । ପ୍ରଶାସନ ତାଙ୍କୁ ଧରପଗଡ଼ କଲେ ତାହା ଶାନ୍ତିପୂର୍ଣ୍ଣ ପ୍ରତିବାଦର ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ୧୨% ରୁ ଅଧିକ ଆଲକୋହଲ୍ ଥିବା ଔଷଧ ଉପରେ କଟକଣା, ବିନା ଡାକ୍ତରୀ ପ୍ରେସକ୍ରିପସନରେ ମିଳିବନି

ନୂଆଦିଲ୍ଲୀ : ୧୨% ରୁ ଅଧିକ ଆଲକୋହଲ୍ ଥିବା ଔଷଧ ବିନା ଡାକ୍ତରୀ ପ୍ରେସକ୍ରିପସନରେ ମିଳିବନି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏହି କଟକଣା ଲଗାଯାଇଛି । ନୂତନ ନିୟମ ଅନୁଯାୟୀ, ୩୦ ମିଲିଲିଟରରୁ ଅଧିକ ପରିମାଣର ଓ ୧୨% ରୁ ଅଧିକ ଆଲକୋହଲ୍ ଥିବା ସମସ୍ତ ତରଳ ଔଷଧକୁ ସିଡ୍ୟୁଲ୍ ଏଚ୍୧ ଶ୍ରେଣୀଭୁକ୍ତ କରାଯାଇଛି । ବର୍ତ୍ତମାନ ଏହି ଔଷଧଗୁଡ଼ିକୁ କେବଳ ଜଣେ ଡାକ୍ତରଙ୍କ ବୈଧ ପ୍ରେସକ୍ରିପସନ୍ ଦେଖାଇ ହିଁ କିଣିପାରିବେ । ଏହି ନିୟମ ଆସନ୍ତା ଜାନୁଆରୀରୁ ସାରା ଦେଶରେ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ । ପୂର୍ବରୁ କେତେକ ଆରୋମାଟିକ ପ୍ରସ୍ତୁତି, ସ୍ୱାସ୍ଥ୍ୟ ଟନିକ୍ ଓ କାଶ ସିରପ୍ ରେ ୮୦% ରୁ ୯୦% ପର୍ଯ୍ୟନ୍ତ ଆଲକୋହଲ୍ ରହୁଥିଲା । ଅନେକ ଲୋକ ଏହାକୁ ବିକଳ୍ପ ଭାବେ ନିଶା ପାଇଁ ବ୍ୟବହାର କରୁଥିଲେ । ନିଜ ଇଚ୍ଛାରେ ଔଷଧ ଦୋକାନରୁ ଆଣି ଏଭଳି ସିରପ୍ ପିଇବା ଅଭ୍ୟାସକୁ କମାଇବା ଏବଂ ବିଶେଷ କରି ଯୁବବର୍ଗଙ୍କୁ ନିଶା କବଳରୁ ରକ୍ଷା କରିବା ଲାଗି ଏହି କଟକଣା ଲଗାଯାଇଛି । ବିଶେଷଜ୍ଞ ଅନୁଯାୟୀ, କିଛି ଆଲକୋହଲ ଯୁକ୍ତ ସିରପ୍ ଏବଂ ମଦ୍ୟପାନ ନିଶା ପାଇଁ ଅପବ୍ୟବହାର କରାଯାଉଥିଲା । କଡ଼ା ତଦାରଖ ଏପରି ମାମଲାଗୁଡ଼ିକୁ ହ୍ରାସ କରିବ ଏବଂ ନିଶ୍ଚିତ କରିବ ଯେ ଔଷଧ କେବଳ ଚିକିତ୍ସା ପାଇଁ ବ୍ୟବହାର କରାଯିବ । ଏଚ -୧ ଭାରତରେ ଏପରି ଔଷଧ ଅନ୍ତର୍ଭୁକ୍ତ କରେ ଯାହାର ବିକ୍ରୟ ଏବଂ ବ୍ୟବହାର ସ୍ୱତନ୍ତ୍ର ତଦାରଖ ଅଧୀନରେ । ଏହି ଔଷଧ କିଣିବା ପାଇଁ ଡାକ୍ତରଙ୍କ ପ୍ରେସକ୍ରିପସନ୍ ବାଧ୍ୟତାମୂଳକ । ଏହା ସହିତ, ଔଷଧ ବିକ୍ରୟର ରେକର୍ଡ ବଜାୟ ରଖିବାକୁ ପଡ଼ିବ ଯାହା ଦ୍ୱାରା ଆବଶ୍ୟକ ହେଲେ ସେଗୁଡିକ ଯାଞ୍ଚ କରାଯାଇପାରିବ ।ଡାକ୍ତରଙ୍କ ପ୍ରେସକ୍ରିପସନ୍ ପାଇଁ ୧୨% ରୁ ଅଧିକ ଆଲକୋହଲ ଯୁକ୍ତ ଔଷଧ କିଣିବା ଆବଶ୍ୟକ ହେବ । ମେଡିକାଲ ଷ୍ଟୋରଗୁଡ଼ିକ ଏକ ବୈଧ ପ୍ରେସକ୍ରିପସନ୍ ବିନା ଏପରି ଔଷଧ ବିକ୍ରି କରିପାରିବେ ନାହିଁ ।

# ଲାଲକିଲ୍ଲାକୁ ବୋମା ଧମକ, ଦିଲ୍ଲୀରେ ଉତ୍ତେଜନା



ନୂଆଦିଲ୍ଲୀ : ଦିଲ୍ଲୀରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଆଜି ପୁଣି ଥରେ ଲାଲକିଲ୍ଲାକୁ ବୋମା ଧମକ ମିଳିଛି । ସନ୍ଦିଗ୍ଧ ବ୍ୟକ୍ତି ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମକୁ ଫୋନ୍ କରି ଏହି ଧମକ ଦେଇଥିବା ସୂଚନା ମିଳୁଛି । ତଦନ୍ତ ପରେ ଉତ୍ତର ଜିଲ୍ଲା ପୋଲିସ ଏହି କଲକୁ ମିଛ ବୋଲି ଘୋଷଣା କରିଥିଲା । ଶୁକ୍ରବାର ଦିନ ପୂର୍ବରୁ ଲାଲକିଲ୍ଲା ଏବଂ ଦିଲ୍ଲୀ ସଚିବାଳୟରେ ବୋମା ଧମକ ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଯାଞ୍ଚ ଆରମ୍ଭ କରିଥିଲେ । ଦିଲ୍ଲୀ ସଚିବାଳୟ ଇମେଲ୍ ମାଧ୍ୟମରେ ବୋମା ଧମକ ପାଇଥିଲା । ଏହା ପରେ ଦିନ ୧୨ଟାରେ ଦିଲ୍ଲୀ ଅଗ୍ନିଶମ ବିଭାଗ ସୂଚନା ପାଇବା ପରେ ଦଳଗୁଡିକୁ ଘଟଣାସ୍ଥଳକୁ ପଠାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସନ୍ଦିଗ୍ଧ ଜିନିଷ ମିଳିପାରିନାହିଁ ବୋଲି ଅଧିକାରୀମାନେ କହିଛନ୍ତି । ପୂର୍ବରୁ ଦିଲ୍ଲୀର ୨ ଟି ସ୍କୁଲ ମଧ୍ୟ ବୋମା ଧମକ ଇମେଲ ମାଧ୍ୟମରେ ପାଇଥିଲା । ଯାହା ପରେ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ପୋଲିସ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ସମେତ ସୁରକ୍ଷା ଏଜେନ୍ସିଗୁଡିକ ଉଭୟ ସ୍କୁଲର ପରିସରରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଉଛି ବୋଲି ଦିଲ୍ଲୀ ଅଗ୍ନିଶମ ବିଭାଗ କହିଛି । ସର୍ଚ୍ଚ ଅପରେସନ୍ ସମୟରେ କିଛି ସନ୍ଦେହଜନକ ଜିନିଷ ମିଳିନଥିବା ଅଧିକାରୀ ସ୍ପଷ୍ଟ କରିଛନ୍ତି । ଅନ୍ୟ ଏକ ଘଟଣାକ୍ରମେ ଏନଆଇଏ ଗତବର୍ଷ ଲାଲକିଲ୍ଲା ଅଞ୍ଚଳରେ ଏକ କାର ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ୧୧ ଜଣଙ୍କ ମାମଲାରେ ଏକ ଫୋରେନସିକ୍ ରିପୋର୍ଟ ଦାଖଲ କରିଛି ବୋଲି କୋର୍ଟ ପିଟିଆଇଙ୍କୁ କହିଛନ୍ତି । ସୂତ୍ର ଅନୁଯାୟୀ, ରିପୋର୍ଟଟି ସ୍ୱତନ୍ତ୍ର ବିଚାରପତି ପିତାମ୍ବର ଦତ୍ତଙ୍କ ସମ୍ମୁଖରେ ଦାଖଲ କରାଯାଇଛି, ଯିଏ ବର୍ତ୍ତମାନ ରିପୋର୍ଟଟି ଯାଞ୍ଚ କରିବେ ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ଦେବେ । ଏହି ସମୟରେ କୋର୍ଟ ୯ ଜଣ ଅଭିଯୁକ୍ତଙ୍କ ନ୍ୟାୟିକ ହାଜତକୁ ଜୁଲାଇ ୧୩ ପର୍ଯ୍ୟନ୍ତ ବୃଦ୍ଧି କରିଛି ବୋଲି କୌଣସି ଏକ ସୂତ୍ରରେ ପ୍ରକାଶ ପାଇଛି ।

## ଖେମିନିଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଆମେ ପ୍ରତିଜ୍ଞାବଦ୍ଧ: ମୋଜତାବା

ଇରାନ : ଆମେରିକା ଓ ଇରାନ ମଧ୍ୟରେ କୂଟନୈତ୍ତିକ ଆଲୋଚନା ସତ୍ତ୍ୱେ ଉତ୍ତେଜନା ଚରମ ସୀମାରେ ରହିଛି । ଏପରି ସମୟରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତବା ଖେମିନି ଏକ ସାର୍ବଜନୀନ ବାର୍ତ୍ତାରେ ପିତା ତଥା ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କ ହତ୍ୟାର ପ୍ରତିଶୋଧ ନିଆଯିବ ବୋଲି କହି ଉତ୍ତେଜନା ଅଧିକ ବୃଦ୍ଧି କରିଛନ୍ତି । ଖେମିନିଙ୍କ ଅନ୍ତିମ ସଂସ୍କାର ପରେ ମୋଜତାବା କହିଛନ୍ତି, ପୂର୍ବତନ ସର୍ବୋଚ୍ଚ ନେତାଙ୍କ ହତ୍ୟାର ପ୍ରତିଶୋଧ ନେବା ସମଗ୍ର ଦେଶର ଦାବି ଓ ଏହାକୁ କାର୍ଯ୍ୟକାରୀ କରାଯିବା ଅନିବାର୍ଯ୍ୟ ଅଟେ । ଖେମିନିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ସପ୍ତାହେ ଧରି ଚାଲିଥିଲା । ଏହା ପରେ ଇରାନ ଜତୀୟ ଟିଭିରେ ମୋଜତାବାଙ୍କ ଲିଖିତ ସାର୍ବଜନୀନ ବାର୍ତ୍ତା ପ୍ରସାରିତ ହୋଇଥିଲା ।

ସହିଦ ନେତାଙ୍କ ରକ୍ତ ଓ ସାମ୍ପ୍ରତିକ ସଂଘର୍ଷ ସମୟରେ ମୃତ ସମସ୍ତ ଲୋକଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ମୋଜତାବା ଆହୁରି କହିଥିଲେ ଯେ, ଏହି ପ୍ରତିକ୍ରିୟାରେ କେବଳ ଇରାନ ନୁହେଁ ବରଂ ବିଶ୍ୱବ୍ୟାପୀ ସମର୍ଥକମାନେ ମଧ୍ୟ ସାମିଲ ହେବେ । ଫେବ୍ରୁଆରି ୨୮ ଆମେରିକା-ଇସ୍ରାଏଲ ଆକ୍ରମଣରେ ଖେମିନିଙ୍କର ମୃତ୍ୟୁ ହୋଇଥିଲା । ମୋଜତାବା ମଧ୍ୟରେ ଆକ୍ରମଣରେ ଗମ୍ଭୀର ଭାବେ ଆହତ ହୋଇଥିଲେ । ତାଙ୍କ ମୁଖମଣ୍ଡଳ ଓ ଗୋଡ଼ରେ ଆଘାତ ଲାଗିଥିଲା । ତେବେ ପ୍ରଭାବଶାଳୀ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ୍ ସମର୍ଥନରେ ମାର୍ଚ୍ଚ ୮ ତାରିଖରେ ମୋଜତାବାଙ୍କୁ ଦେଶର ସର୍ବୋଚ୍ଚ ନେତା ଘୋଷଣା କରାଯାଇଥିଲା । ଦେଶର ସର୍ବୋଚ୍ଚ ପଦରେ ଥିଲେ ମଧ୍ୟ ମୋଜତାବା ଆମେରିକ-ଇସ୍ରାଏଲ ଓ ଇରାନ ଯୁଦ୍ଧ ପରଠାରୁ ସର୍ବସାଧାରଣରେ ଦେଖାଯାଇନାହାନ୍ତି । ତେଣୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଭିନ୍ନ ସମୟରେ ଚିନ୍ତା ପ୍ରକାଶ ପାଇଥିଲା ।

## ୬୦ରୁ ଅଧିକ ନିବେଶକଙ୍କଠାରୁ ୫୦ କୋଟି ଟଙ୍କା ନେଇ ସ୍ୱିଜରଲାଣ୍ଡରେ ହାଇଦ୍ରାବାଦ ଦମ୍ପତି ନିଖୋଜ

ହାଇଦ୍ରାବାଦ: ତେଲେଙ୍ଗାନାର ହାଇଦ୍ରାବାଦର ବ୍ୟବସାୟୀ ପଦ୍ମା ଚନ୍ଦ୍ରଶେଖର (୫୧) ଏବଂ ତାଙ୍କ ପତ୍ନୀ ସ୍ୱପ୍ନା (୪୨) ସ୍ୱିଜରଲାଣ୍ଡରେ ଛୁଟି ବିତାଇବା ସମୟରେ ରହସ୍ୟମୟ ପରିସ୍ଥିତିରେ ନିଖୋଜ ହୋଇଯାଇଛନ୍ତି । ସେମାନଙ୍କ ଝିଅ ଶ୍ରେୟାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବ୍ୟବସାୟୀ ଚନ୍ଦ୍ରଶେଖର ଜୁନ୍ ୨୨ ତାରିଖରେ ତାଙ୍କ ପତ୍ନୀଙ୍କ ସହିତ ସ୍ୱିଜରଲାଣ୍ଡକୁ ଛୁଟି ବିତାଇବାକୁ ଯାଇଥିଲେ । ସେମାନେ ପ୍ରାୟ ତିନି ସପ୍ତାହ ପାଇଁ ସେଠାରେ ରହିବାର ଥିଲା । ଚନ୍ଦ୍ରଶେଖରଙ୍କ ଝିଅ ଶ୍ରେୟା ତାଙ୍କ ଅଭିଯୋଗରେ ପୁଲିସକୁ କହିଛନ୍ତି ଯେ, ସେମାନେ ପ୍ରଥମେ ସେମାନଙ୍କ ପରିବାର ସହିତ ଯୋଗାଯୋଗରେ ଥିଲେ, କିନ୍ତୁ ଜୁଲାଇ ୮ ପରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ପରିବାର ପକ୍ଷରୁ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ ଅନେକ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା । କାରଣ ସେମାନଙ୍କର ଉଭୟ ମୋବାଇଲ୍ ଫୋନ୍ ବନ୍ଦ କିମ୍ବା ନେଟୱାର୍କ କଭରେଜ୍ ବାହାରେ ଥିଲା । ଚନ୍ଦ୍ରଶେଖର ଏବଂ ତାଙ୍କ ପତ୍ନୀ ବର୍ଷ ବର୍ଷ ଧରି ଆକର୍ଷଣୀୟ ରିଟର୍ଣ୍ଣ ପ୍ରତିଶ୍ରୁତି ଦେଇ ୬୦ରୁ ଅଧିକ ଲୋକଙ୍କଠାରୁ ପ୍ରାୟ ୫୦ କୋଟି ଟଙ୍କା ଆଦାୟ କରିଛନ୍ତି । ତେବେ ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ଠକେଇ ଅଭିଯୋଗ ଘୋଷଣା କରାଯାଇ ନାହିଁ । ପୁଲିସ ଏହି ମାମଲାର ତଦନ୍ତ ସମସ୍ତ ସମ୍ଭାବ୍ୟ ଦୃଷ୍ଟିକୋଣରୁ କରୁଛି, ଯେପରିକି ସ୍ୱେଚ୍ଛାକୃତ ନିଖୋଜ ଏବଂ ଆର୍ଥିକ ଠକେଇ । ପୁଲିସ ଦମ୍ପତିଙ୍କ କାର୍ଯ୍ୟକଳାପ ବିଷୟରେ ସୂଚନା ଥିବା ଯେକୌଣସି ବ୍ୟକ୍ତିଙ୍କୁ ସୂଚନା ଦେବା ପାଇଁ ଆସିବାକୁ ନିବେଦନ କରିଛି । ନିଖୋଜ ଦମ୍ପତିଙ୍କ ଟୁର୍ ପ୍ଲାନ୍, ପ୍ରବାସନ ରେକର୍ଡ ଏବଂ ଆର୍ଥିକ କାରବାରର ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ୍ କରାଯାଉଛି । ଯାହା ଦ୍ୱାରା ଜଣାପଡିବ ଯେ, ସେମାନେ ପ୍ରକୃତରେ ସ୍ୱିଜରଲାଣ୍ଡଯାଇଥିଲେ ନା ଅନ୍ୟ କୌଣସି ସ୍ଥାନକୁ ଯାଇଥିଲେ ।

# ପଶ୍ଚିମବଙ୍ଗ ୟୁସିସି ଡ୍ରାଫ୍ଟ ସମୀକ୍ଷା

କୋଲକାତା: ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ସରକାର ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ବିଲ୍ ଡ୍ରାଫ୍ଟ ସମୀକ୍ଷା କରିବା ପାଇଁ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ନଅ ଜଣିଆ କମିଟି ଗଠନ କରିଛନ୍ତି । କମିଟିର ଅନ୍ୟ ଆଠଜଣ ସଦସ୍ୟ ହେଉଛନ୍ତି ମେଘାଳୟର ପୂର୍ବତନ ରାଜ୍ୟପାଳ ତଥାଗତ ରାୟ, ଆଇଏଏସ୍ ଏବଂ ରେସିଡେଣ୍ଟ୍ କମିସନର ଦୁଶ୍ୟନ୍ତ ନରିଆଲା, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶତ୍ରୁଘ୍ନ ସିଂ, ଗୃହ ବିଭାଗର ମୁଖ୍ୟ ସଚିବ ସଙ୍ଘମିତ୍ରା ଘୋଷ, ବାଙ୍ଗାବାସି ମହାବିଦ୍ୟାଳୟର ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର ରତ୍ନା ଭଟ୍ଟାଚାର୍ଯ୍ୟ, ଗୌର ବଙ୍ଗ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଗୋପାଳ ଚନ୍ଦ୍ର ମିଶ୍ର, କୋଲକାତା ହାଇକୋର୍ଟର ଆଇନଜୀବୀ ଓସମାନ ଗନି ମଲ୍ଲିକ ଏବଂ ସମ୍ବାଗର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ମଳା ଭଟ୍ଟାଚାର୍ଯ୍ୟ । ରାଜ୍ୟ ନ୍ୟାୟିକ ବିଭାଗ ଜୁଲାଇ ୧୦ ତାରିଖରେ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଥିଲା । ନ୍ୟାୟିକ ବିଭାଗ ଦ୍ୱାରା ବିଜ୍ଞପ୍ତି ଜାରି ହେବା ପୂର୍ବରୁ ରାଜ୍ୟ ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ ଗୁରୁବାର ନୂଆଦିଲ୍ଲୀରେ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଦେଶାଇଙ୍କ ସହ ଏକବୈଠକ କରିଥିଲେ । ରାଜ୍ୟ ସରକାର ପୂର୍ବରୁ ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତୁତ କରିସାରିଛନ୍ତି । ଏହା ରାଜ୍ୟର ସମସ୍ତ ନାଗରିକଙ୍କ ପାଇଁ ଏକ ବ୍ୟାପକ ଆଇନଗତ ଢାଞ୍ଚା ସ୍ଥାପନ କରିବା ଉଦ୍ଦେଶ୍ୟରେ କରାଯାଇଛି । ଜୁଲାଇ ୨ ତାରିଖରେ, ଶୁଭେନ୍ଦୁ ଅଧିକାରୀ କ୍ୟାବିନେଟ୍ ୟୁସିସି ବିଲ୍ ଡ୍ରାଫ୍ଟ ସମୀକ୍ଷା କରିବା ପାଇଁ ଜଷ୍ଟିସ୍ ଦେଶାଇଙ୍କ ନେତୃତ୍ୱରେ ଏକ କମିଟି ଗଠନକୁ ଅନୁମୋଦନ କରିଥିଲେ । ଜଷ୍ଟିସ୍ ଦେଶାଇ ବିଜେପି ଶାସିତ ଉତ୍ତରାଖଣ୍ଡ, ଗୁଜରାଟ ଏବଂ ଛତିଶଗଡ଼ର ସମାନ ୟୁସିସି ପ୍ୟାନେଲର ଅଧ୍ୟକ୍ଷତା କରିଛନ୍ତି । ପ୍ୟାନେଲକୁ ଡ୍ରାଫ୍ଟ ଆଇନର ଯାଞ୍ଚ କରିବା ଏବଂ ଏହାର ସୁପାରିଶ ଦାଖଲ କରିବା ପାଇଁ ଚାରି ସପ୍ତାହ ସମୟ ମିଳିବ । ପରେ ଏହାକୁ ବିଧାନସଭା ସମ୍ମୁଖରେ ରଖାଯିବ ।

## ପୁଣି ମହାରାଷ୍ଟ୍ରରେ ଭୂକମ୍ପ ଝଟକା, ତୀବ୍ରତା ୩.୫

ମହାରାଷ୍ଟ୍ର: ଶନିବାର ଅର୍ଥାତ୍ ଆଜି ମହାରାଷ୍ଟ୍ରର ହିଙ୍ଗୋଲିକୁ ଆଉ ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ୩.୫ ରିକ୍ଟର ସ୍କେଲରେ ଥିଲା । ଆଜି ସକାଳ ପ୍ରାୟ ୧୧ ଟା ୨୬ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ହିଙ୍ଗୋଲି ଜିଲ୍ଲାର ଭାସାଇ ଗାଁ ଉପକଣ୍ଠରେ ଭୂପୃଷ୍ଠରୁ ପାଞ୍ଚ କିଲୋମିଟର ତଳେ ଏହାର କେନ୍ଦ୍ରସ୍ଥଳ ଥିଲା । ଏହା ଉଲ୍ଲେଖନୀୟ ଯେ ଦୁଇ ଦିନ ପୂର୍ବରୁ ମରଠୱାଡାରେ ଏକ ଭୂମିକମ୍ପ ହୋଇଥିବା ବେଳେ, ଆଜି ଆଉ ଏକ ଭୂମିକମ୍ପ ହୋଇଛି । ଔନ୍ଧା, ନାଗନାଥ, କଲାମନୁରୀ ଏବଂ ଭାସମାତ ତାଲୁକାର ଅନେକ ଗାଁରେ ଭୂମିକମ୍ପ ଅନୁଭୂତ ହୋଇଛି । ଦୁଇ ଦିନ ପରେ ଦ୍ୱିତୀୟ ଥର ଆସିଥିବା ଭୂମିକମ୍ପ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି । ଗୁରୁବାର ଦିନ ମହାରାଷ୍ଟ୍ରର ଲାଟୁର ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା । ଲାଟୁର ସହର ଏବଂ ନିଲଙ୍ଗା ଅଞ୍ଚଳର ବାସିନ୍ଦାମାନେ ସାମାନ୍ୟ ଭୂମିକମ୍ପ ଅନୁଭବ କରିଥିବା ସୂଚନା ଦେଇଛନ୍ତି । ତଥାପି, ଜିଲ୍ଲା ପ୍ରଶାସନ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ଦେଇ ନାହିଁ । ଜିଲ୍ଲା ପ୍ରଶାସନ ଲୋକଙ୍କୁ ଗୁଜବକୁ ଅଣଦେଖା କରି କେବଳ ପ୍ରଶାସନ ଦ୍ୱାରା ପ୍ରକାଶିତ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ଅନୁରୋଧ କରିଛି । ସେମାନେ ଭୂମିକମ୍ପ ଅନୁଭବ କଲେ ତୁରନ୍ତ ଘରୁ ବାହାରି ଖୋଲା ସ୍ଥାନକୁ ଚାଲିଯିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ।

## ବାହାମାସରେ ପ୍ଲେନ କ୍ରାସ୍, ୧୦ ମୃତ

ବାହାମାସ : ବାହାମାସର ନର୍ଥ ଆଣ୍ଡରସରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ପ୍ଲେନ କ୍ରାସରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ସରକାରଙ୍କୁ ଫ୍ଲେମିଙ୍ଗୋ ଏୟାରର ଉଡ଼ାଣକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ପଡିଲା । ସମସ୍ତଙ୍କ ପରିଚୟ ଏଯାଏଁ ଅସ୍ପଷ୍ଟ ରହିଛି । ସୂଚନାନୁଯାୟୀ, ଏହା ଏକ ଦୁଇଟି ଇଞ୍ଜିନ୍ ବିଶିଷ୍ଟ ଉରସ୍ୱଭବ ୪୦୨ ବିମାନ ଥିଲା । ଏହି ଦ୍ୱୀପପୁଞ୍ଜର ରାଜଧାନୀ ନାସାଉର ପଶ୍ଚିମରେ ସମୁଦ୍ରରେ ଅବସ୍ଥିତ ଉତ୍ତର ଆଣ୍ଡ୍ରୋସରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । ନାସଉର ଲିଣ୍ଡେନ ପିଣ୍ଡଲିଂ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିମାନଟି ସାନ ଆଣ୍ଡ୍ରୋସ ଅଭିମୁଖେ ଯାଉଥିଲା । ଅବତରଣ କରିବା ପୂର୍ବରୁ ବିମାନଟି ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ ପାଇନ୍ ୟାର୍ଡ ଅଞ୍ଚଳର ଏକ ଘଞ୍ଚ ବୁଦାଳିଆ ଜଙ୍ଗଲରେ କ୍ରାସ୍ କରିଥିଲା । ବିମାନରେ ୯ ଜଣ ଯାତ୍ରୀ ଏବଂ ୧ ଜଣ ପାଇଲଟ୍ ଥିଲେ । ଏହି ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିଲା କିନ୍ତୁ ଜଣେ ଜୀବିତ ଥିଲେ । ହେଲେ ଚିକିତ୍ସା ସମୟରେ ସେହି ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଦୁର୍ଘଟଣା ପରେ ବାହାମାସର ବିମାନ ଚଳାଚଳ ମନ୍ତ୍ରଣାଳୟ ସୁରକ୍ଷା ଦୃଷ୍ଟିରୁ ଫ୍ଲେମିଙ୍ଗୋ ଏୟାରର 'ଏୟାର ଅପରେଟର ସାର୍ଟିଫିକେଟ୍'କୁ ସାମୟିକ ଭାବେ ସ୍ଥଗିତ ରଖିଛି ।

## ଶ୍ରଦ୍ଧା ୱାଲକର ହତ୍ୟା ମାମଲା

ନୂଆଦିଲ୍ଲୀ: ବହୁ ଚର୍ଚ୍ଚିତ ଶ୍ରଦ୍ଧା ୱାଲକର ହତ୍ୟାମାମଲାରେ ଦିଲ୍ଲୀର ଏକ ଅଦାଲତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ଶୁଣାଣି ପ୍ରକ୍ରିୟାକୁ ବାତିଲ କରିଛନ୍ତି । ଅଭିଯୁକ୍ତ ଆଫତାବ ଅମିନ ପୁନାୱାଲା ସେହି ଦିନ ତିହାର ଜେଲ ମଧ୍ୟରେ ତାର ଏମଏ ସୋସିଓଲୋଜିର ଚୂଡ଼ାନ୍ତ ପରୀକ୍ଷା ଦେବାକୁ ଥିବାରୁ କୋର୍ଟଙ୍କ ନିକଟରେ ଶୁଣାଣି ସ୍ଥଗିତ ରଖିବାକୁ ଆବେଦନ କରିଥିଲା । ଅତିରିକ୍ତ ସେସନ୍ସ ଜଜ୍ ହରଗୁରଭରିନ୍ଦର ସିଂହ ଜଗଗୀ ଏହି ଆବେଦନକୁ ଗ୍ରହଣ କରି ଜୁଲାଇ ୨୦ ର ଶୁଣାଣିକୁ ବାତିଲ କରିବା ସହ ଜୁଲାଇ ୨୧ ତାରିଖ ଅପରାହ୍ନ ୨ଟାରୁ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ପୁନର୍ବାର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ଆଦେଶ ଅନୁଯାୟୀ, ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଜୁଲାଇ ୧୧ ରୁ ଜୁଲାଇ ୨୦ ପର୍ଯ୍ୟନ୍ତ ତିହାର ଜେଲନମ୍ବର ୩ ମଧ୍ୟରେ ଥିବା ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଜୁଲାଇ ୨୦ ତାରିଖ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଆଫତାବର ଶେଷ ପରୀକ୍ଷା ଥିବାରୁ ସେ କୋର୍ଟରେ ହାଜିରା ଦେବାରୁ ମୁକ୍ତି ମାଗିଥିଲା ।

# ମଧ୍ୟପ୍ରଦେଶର ଦତିଆରେ ଭୟଙ୍କର ହିଂସା



ଭୋପାଳ: ମଧ୍ୟପ୍ରଦେଶର ଦତିଆରେ ଶୁକ୍ରବାର- ଶନିବାର ଦଳୀୟ ଟିକେଟ ବଣ୍ଟନକୁ ନେଇ ବିଜେପି କର୍ମୀ ଭୟଙ୍କର ହିଂସାକାଣ୍ଡ ଘଟାଇଥିବା ଦେଖିବାକୁ ମିଳିଛି । ଦତିଆରେ ହେବାକୁ ଥିବା ବିଧାନସଭା ଉପନିର୍ବାଚନ ପାଇଁ ଟିକେଟ ନ ମିଳିବାକୁ ନେଇ ବିଜେପି ନେତା ତଥା ରାଜ୍ୟର ପୂର୍ବତନ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କର ୩୦୦୦ରୁ ଅଧିକ ସମର୍ଥକମାନେ ଏନ୍‌ଏଚ୍-୪୪ରେ ବ୍ୟାପକ ଭଙ୍ଗାରୁଜା କରିଥିଲେ । ୧୨ ଘଣ୍ଟାରୁ ଅଧିକ ସମୟ ଧରି ସେମାନଙ୍କ ପ୍ରତିବାଦ ଚାଲିଥିବାରୁ ଜାତୀୟ ରାଜପଥରେ ଟ୍ରାଫିକ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ନରୋତ୍ତମ ମିଶ୍ରଙ୍କ ସମର୍ଥକମାନେ ପୁଲିସ ଉପରକୁ ପଥର ଫିଙ୍ଗିବା ସହିତ ଟ୍ରକ୍ ଭଙ୍ଗାରୁଜା କରିଥିଲେ । ଏହି ଘଟଣାରେ ଅନେକ ଲୋକ ଆହତ ହୋଇଥିଲେ । ପୁଲିସ ଭିଡ଼କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା ଓ ଜିଲ୍ଲା କାର୍ଯ୍ୟାଳୟରେ ବିଜେପି ନେତାମାନଙ୍କୁ ଗୃହବନ୍ଦୀ କରିଥିଲା । ଜିଲ୍ଲା ପ୍ରଶାସନ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୬୩ ମଧ୍ୟ ଲାଗୁ କରିଥିଲା । ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ବିଜେପି ଦତିଆ ଉପନିର୍ବାଚନ ପାଇଁ ଆଶୁତୋଷ ତିୱାରୀଙ୍କୁ ଦଳର ପ୍ରାର୍ଥୀ ଭାବରେ ଘୋଷଣା କରିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା । କଂଗ୍ରେସ ବିଧାୟକ ରାଜେନ୍ଦ୍ର ଭାରତୀଙ୍କୁ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯିବା ପରଠାରୁ ମିଶ୍ର ନିଜେ ଏଠାରୁ ଉପନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିସାରିଥିଲେ । ସୂଚନାଯୋଗ୍ୟ, କଂଗ୍ରେସ ନେତା ରାଜେନ୍ଦ୍ର ଭାରତୀ ୨୦୨୩ ବିଧାନସଭା ନିର୍ବାଚନରେ ରାଜ୍ୟର ସେତେବେଳେ ଗୃହମନ୍ତ୍ରୀ ଥିବା ମିଶ୍ରଙ୍କୁ ୭,୫୦୦ ରୁ ଅଧିକ ଭୋଟରେ ପରାସ୍ତ କରିଥିଲେ । ମିଶ୍ରଙ୍କୁ ଟିକେଟ ନ ମିଳିବା ପ୍ରତିବାଦରେ ଜିଲ୍ଲାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପ୍ରାୟ ୩୦୦ ପଦାଧିକାରୀ ସେମାନଙ୍କ ପଦବିରୁ ଇସ୍ତଫା ଦେଇଥିଲେ । ଶୁକ୍ରବାର ସନ୍ଧ୍ୟାରୁ ରାସ୍ତା ଅବରୋଧ ଆରମ୍ଭ ହୋଇ ସକାଳ ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା, ଯାହା ଫଳରେ ଝାନ୍ସି ଓ ଗ୍ୱାଲିୟର ରାସ୍ତାରେ ୧୫-୨୦ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଥିଲା ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଦତିଆ ଜିଲ୍ଲାପାଳ ସ୍ୱପ୍ନିଲ ୱାଙ୍ଖେଡେ କହିଛନ୍ତି, ବିକ୍ଷୋଭ ପ୍ରଦର୍ଶନ ଏନ୍‌ଏଚ୍-୪୪ରେ ଭୋର ୪ଟା ୩୦ ସମୟରେ ହିଂସାତ୍ମକ ରୂପ ନେଇଥିଲା । ପ୍ରାୟ ୧୧ ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖାଯାଇଥିଲା । ପ୍ରତିବାଦର ପ୍ରାୟ ୨୦ ଘଣ୍ଟା ପରେ ମିଶ୍ର ସାଧାରଣରେ ଉପସ୍ଥିତ ହୋଇ ହିଂସାତ୍ମକ ପ୍ରତିବାଦ ନକରିବାକୁ ସମର୍ଥକଙ୍କୁ ନିବେଦନ କରିଥିଲେ । ଦଳୀୟ ଫୋରମ୍‌ରେ ସେମାନଙ୍କ ଆପତ୍ତି ଅଭିଯୋଗ ଉଠାଇବାକୁ ସେ ସମର୍ଥକଙ୍କୁ ନିବେଦନ କରିଛନ୍ତି ।

# ଭାରତରେ ହେବ ବିବିଏଲ ମ୍ୟାଚ

**ଚେନ୍ନାଇ,୧୧।୭ :** ଅଷ୍ଟ୍ରେଲିଆର ବିଗ୍ ବାସ୍ ଲିଗ୍ (ବିବିଏଲ୍) ପ୍ରଥମ ଥର ଲାଗି ବିଦେଶରେ ହେବ। ଚଳିତ ବର୍ଷ ଡିସେମ୍ବରରେ ଏହାର ୨୦୨୬-୨୭ ସଂସ୍କରଣର ଏକ ମ୍ୟାଚ୍ ଭାରତର ଚେନ୍ନାଇରେ ଖେଳାଯିବ। ଡିସେମ୍ବର ୧୨ ତାରିଖରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ମେଲ୍‌ବର୍ଣ୍ଣ ରେନେଗାଡେସ୍ ଓ ପର୍ଥ ସ୍କର୍‌ଚର୍ସ ମୁହାଁମୁହିଁ ହେବେ। ମେଲ୍‌ବର୍ଣ୍ଣ କ୍ରିକେଟ୍ ପଡିଆର ଆୟୋଜିତ ସ୍ୱତନ୍ତ୍ର ଇଭେଣ୍ଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍‌ଥୋନି ଆଲବାନିଜଙ୍କ ଉପସ୍ଥିତିରେ ଏହା ନିଶ୍ଚିତ ହୋଇଛି। ବିବିଏଲ୍‌ର ଏହି ମ୍ୟାଚ୍ ୩୮,୦୦ କ୍ଷମତାପ୍ରାପ୍ତ ଚିପକ୍‌ର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଆୟୋଜିତ ହେବ। କ୍ରିକେଟ୍ କ୍ୟାଲେଣ୍ଡରକୁ ନଜରରେ ରଖି ସତର୍କତା ସହ ମ୍ୟାଚ୍‌ଟି ଚେନ୍ନାଇରେ କରାଇବାକୁ ସ୍ଥିର କରାଯାଇଛି। ସେହିଦିନ ପର୍ଥରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ଟେଷ୍ଟ ରହିଛି। ତେଣୁ ଏହି ମ୍ୟାଚ୍ ସରିବା ପରେ ଅଷ୍ଟ୍ରେଲିୟ ସମୟ ଅନୁଯାୟୀ ସଂଧ୍ୟାରେ ଏବଂ ଭାରତୀୟ ସମୟରେ ଅପରାହ୍ଣରେ ଏହି ମ୍ୟାଚ୍ ଖେଳାଯିବ। ଅଷ୍ଟ୍ରେଲିଆ ଗସ୍ତ ସମୟରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ପହଞ୍ଚିଛନ୍ତି, ଯେଉଁଠାରେ ସେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍‌ଥୋନି ଆଲବାନିଜ୍ ସହିତ ମଞ୍ଚ ସେୟାର କରିଛନ୍ତି। ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ଥାନୀୟ ଯୁବ ଖେଳାଳି ଏବଂ ପ୍ରବାସୀ ଭାରତୀୟଙ୍କ ସହିତ ଉତ୍ସାହର ସହିତ ଆଲୋଚନା କରିଛନ୍ତି। ଅଟୋଗ୍ରାଫ୍ ଏବଂ କ୍ରିକେଟ୍ ଜର୍ସିରେ ସ୍ୱାକ୍ଷର କରିଥିଲେ।



ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ୱ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ମାସ୍କଟ୍ ରୁବି ଦି ରୁଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ଯୁବ କ୍ରିକେଟର୍‌ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଜର୍ସିରେ ହସ୍ତାକ୍ଷର କରିଥିଲେ। ଦର୍ଶକଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଭାରତ ଏବଂ ଅଷ୍ଟ୍ରେଲିଆ କ୍ରୀଡା କ୍ଷେତ୍ରରେ ପରସ୍ପରକୁ ସମର୍ଥନ ଏବଂ ବିକାଶ କରିବେ। ସେ ଏହା ମଧ୍ୟ କହିଥିଲେ ଯେ ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ବିଡ୍ କରିବ। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍‌ଥୋନି ଆଲବାନିଜ୍ ମଧ୍ୟ ଭାରତର ଅଲିମ୍ପିକ୍ସ ସ୍ୱପ୍ନକୁ ସମର୍ଥନ କରିଛନ୍ତି। ୨୦୨୯ ମଧ୍ୟଭାଗରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ୨୦୩୬ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ପାଇଁ ଆୟୋଜକ ସହର ଚୟନ କରିବ। ବର୍ତ୍ତମାନ ଭାରତ ଏବଂ କାତାର ଏହି ଦୌଡ଼ରେ ଆଗୁଆ ଅଛନ୍ତି। ଭାରତ ଅହମଦାବାଦକୁ ପ୍ରାଥମିକ ଆୟୋଜକ ସହର ଭାବରେ ପ୍ରସ୍ତାବ ଦେଇଛି ଏବଂ ଏହାର ଦାବିକୁ ମଜବୁତ କରିବା ପାଇଁ ଅନେକ ବିଶ୍ୱସ୍ତରୀୟ କ୍ରୀଡା ଇଭେଣ୍ଟ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି। ଉଭୟ ଦେଶ ବିଗ୍ ବସ୍ ଲିଗ୍ ସମ୍ପର୍କରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ବିଗ୍ ବ୍ୟାସ୍ ଲିଗ୍‌ର କିଛି ପ୍ରାରମ୍ଭିକ ମ୍ୟାଚ୍ ଚଳିତ ବର୍ଷ ଡିସେମ୍ବରରେ ଭାରତରେ ଅନୁଷ୍ଠିତ ହେବ। ଏହି ଲିଗ୍ ଆଇପିଏଲ୍ ପରି ଏକ ଫ୍ରାଞ୍ଚାଇଜ୍ ଲିଗ୍ ଏବଂ ଏହାର ଉଦଘାଟନୀ ମ୍ୟାଚ୍ ଚେନ୍ନାଇରେ ଅନୁଷ୍ଠିତ ହେବ। ଭାରତ ପ୍ରଥମ ଥର ପାଇଁ କୌଣସି ବିଦେଶୀ ଲିଗ୍ ଆୟୋଜନ କରିବ।

# ସଲିମା ମହିଳା ହକି ଦଳ ଅଧିନାୟିକା



**ଭୁବନେଶ୍ୱର,୧୧।୭ :** ହକି ଇଣ୍ଡିଆ ଆଗାମୀ ୨୦ତମ ଏସୀୟ କ୍ରୀଡା ଆଇଚି-ନାଗୋୟା ୨୦୨୬ ଲାଗି ୨୦ ଜଣିଆ ମହିଳା ହକି ଦଳ ଘୋଷଣା କରିଛି। ଗତ ମାସରେ ଏହି ଦଳର ନେତୃତ୍ୱ ଭାର ସଲିମା ଟେଟେଙ୍କୁ ମିଳିଛି। ସଲିମାଙ୍କ ନେତୃତ୍ୱରେ ଭାରତ ଏଫ୍‌ଆଇଏଚ୍ ନେସନ୍ସ କପ ବିଜେତା ହୋଇଥିବାରୁ ତାଙ୍କ ଉପରେ ଚୟନକର୍ତ୍ତା ପୁଣି ଥରେ ଭରସା କରିଛନ୍ତି। ଦଳରେ ଓଡିଶାରୁ କେବଳ ସୁନେଲିତା ଟୋପ୍ପୋ ରହିଛନ୍ତି। ନିକଟରେ ପଦ୍ମଶ୍ରୀ ପାଇଥିବା ସବିତା ଓ ବିଚୁ ଦେବୀ ଖାରିବାମ ଗୋଲି ଦାୟିତ୍ୱ ସମ୍ଭାଳିବେ।

ଭାରତୀୟ ଦଳ : ଗୋଲି-ସବିତା, ବିଚୁ ଦେବୀ ଖାରିବାମ, ଡିଫେଣ୍ଡର-ଇଶିକା ଚୌଧୁରୀ, ସୁଶିଲା ଚାନୁ ପୁଖରାବାମ୍, ଲଲାଥାନ୍ତଲୁଆଙ୍ଗି, ଜ୍ୟୋତି, ଶିଳ୍ପୀ ଦାବାସ, ମିଡ୍ ଫିଲଡର- ନିକ୍କି ପ୍ରଧାନ, ସାକ୍ଷୀ ରାଣା, ସୁନେଲିତା ଟୋପ୍ପୋ, ସଲିମା ଟେଟେ (ଅଧିନାୟିକା), ନେହା, ଦୀପିକା ସୋରେଙ୍ଗ, ଫରୱାର୍ଡ-ଲାଲରେମସିଆମି, ଋତୁଜା ଦାଦାସାଓ ପିସାଲ, ନବନୀତ କେ ?ର, ଦୀପିକା, ଇଶିକା, ବଲଜିତ କୌର, ବିଉଟି ଡୁଙ୍ଗଡୁଙ୍ଗ।

# ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିବେ ସର୍ବେଶ

**ନୂଆଦିଲ୍ଲୀ,୧୧।୭ :** ସଦ୍ୟ ନୂଆ ଜାତୀୟ କୀର୍ତ୍ତିମାନର ଅଧିକାରୀ ହୋଇଥିବା ଭାରତୀୟ ହାଇ ଜମ୍ପର୍ ସର୍ବେଶ କୁଶାରେ ଡାଇମଣ୍ଡ ଲିଗରେ ପଦାର୍ପଣ



କରିବେ। ମୋନାକୋରେ ଆୟୋଜିତ ହେବାକୁ ଥିବା ଡାଇମଣ୍ଡ ଲିଗ୍‌ରେ ବିଶ୍ୱର ଏଲିଟ୍ ହାଇ ଜମ୍ପରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ୩୧ ବର୍ଷୀୟ କୁଶାରେଙ୍କ ସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ୩ ଥରର ବିଶ୍ୱବିଜେତା କତରର ମୁତାଜ ଇସା ବାର୍ସିମ ସହ ଟ୍ରଫି ଲଢ଼କୁ ଓହ୍ଲାଇବେ। ୧୦ ଜଣିଆ ଏହି ପ୍ରତିଯୋଗିତାରେ ବାର୍ସିମଙ୍କ ବାଦ୍ ୨୦୨୫ ବିଶ୍ୱ କାଂସ୍ୟ ବିଜେତା ଚେକ୍ ଗଣରାଜ୍ୟର ଜାନ୍ ଷ୍ଟିଫେଲା, ବିଶ୍ୱ ଇନ୍‌ଡୋର ବିଜେତା ୟୁକ୍ରେନ୍‌ର ଓଲେ ଡୋରୋସ୍‌ଚୁକ୍, ୨୦୨୩ ବିଶ୍ୱ ରୌପ୍ୟ ବିଜେତା ଆମେରିକାର ଜୁଭନ ହାରିସନ୍ ରହିଛନ୍ତି। ଗତ ମାସରେ ଭୁବନେଶ୍ୱରରେ ଆୟୋଜତି ଜାତୀୟ ଅନ୍ତଃରାଜ୍ୟ ପ୍ରତିଯୋଗିତାରେ ୨.୩୧ ମିଟର ଡେଇଁ ସ୍ୱର୍ଣ୍ଣ ଜିତିଥିବା କୁଶାରେ ଚଳିତ ଋତୁରେ ଶ୍ରେଷ୍ଠ ମାର୍କରେ ଗ୍ରେଟ ବ୍ରିଟେନର ଜାକ୍ କିମିନିଙ୍କ ସହ ଯୁଗ୍ମ ଦ୍ୱିତୀୟରେ ରହିଛନ୍ତି। ଉଭୟଙ୍କଠୁ ଆଗରେ ଡୋରୋସ୍ ଚୁକ୍ ରହିଛନ୍ତି। ତେଜସ୍ୱିନ ଶଙ୍କର (୨.୨୯ ମିଟର)ଙ୍କ ନାମରେ ୮ ବର୍ଷ ତଳର କୀର୍ତ୍ତିମାନ ଭାଙ୍ଗିଥିଲେ। ସଂପ୍ରତି ସେ ଏସୀୟ ଲଙ୍ଗ ଜମ୍ପରଙ୍କ ମଧ୍ୟରେ ୧ ନଂ ସ୍ଥାନରେ ରହିଛନ୍ତି। ସେ ମଧ୍ୟ ପ୍ରଥମ ଭାରତୀୟ ପୁରୁଷ ହାଇଜମ୍ପର ଭାବେ ଗତ ବର୍ଷ ଟୋକିଓରେ ଆୟୋଜିତ ବିଶ୍ୱ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିଲେ।

# ଯାଦୁ ଦେଖାଇଲେ ରୁଇଜ୍-ମେରିନୋ, ସେମିଫାଇନାଲରେ ସ୍ପେନ୍

**ଲସ୍‌ଆଞ୍ଜେଲସ,୧୧।୭ :** ଫାବିଆନ୍ ରୁଇଜ୍ ଏବଂ ମିକେଲ୍ ମେରିନୋଙ୍କ ଶକ୍ତିଶାଳୀ ପ୍ରଦର୍ଶନ ପାଇଁ ସ୍ପେନ୍ ଶନିବାର ଫିଫା ବିଶ୍ୱକପ୍ ୨୦୨୬ର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବେଲଜିୟମକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଲସ୍ ଆଞ୍ଜେଲସ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ୨୦୧୦ ଚାମ୍ପିଅନ୍ ଏକ କଡ଼ା ପ୍ରତିଯୋଗିତାରେ ୨-୧ ବିଜୟ ହାସଲ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଦୁଇଟି ଗୋଲ ହୋଇଥିଲା। ସ୍ପେନ୍ ୧-୧ରେ ବରାବର ଥିଲା ଏବଂ ସମସ୍ତଙ୍କ ନଜର ଦ୍ୱିତୀୟାର୍ଦ୍ଧ ଉପରେ ଥିଲା। ବିଶ୍ୱ ଫୁଟବଲ୍‌ର ଦୁଇଟି ପ୍ରମୁଖ ଦଳ ଦାନ୍ତ ଏବଂ ନଖ ଉପରେ ଲଢୁଥିଲେ। ସମସ୍ତଙ୍କ ନଜର ସ୍ପେନ୍‌ର ଉଦୀୟମାନ ତାରକା ୟାମିନ୍ ୟାମାଲଙ୍କ ଉପରେ ଥିଲା। କିନ୍ତୁ ମେରିନୋ ହିରୋ ଭାବରେ ଉଭା ହେଲେ ଏବଂ ସେହି ଗୋଲ ସ୍କୋର କଲେ ଯାହା ସ୍ପେନ୍‌କୁ ସେମିଫାଇନାଲରେ ପହଞ୍ଚାଇବା ପାଇଁ ଯଥେଷ୍ଟ ପ୍ରମାଣିତ ହେଲା। ସ୍ପେନ୍ ଦ୍ୱିତୀୟ ଥର ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚିଛି। ପୂର୍ବରୁ ୨୦୧୦ରେ ଦଳ ସେମିଫାଇନାଲରେ ପହଞ୍ଚିବା ସହିତ



ଫାଇନାଲରେ ଟାଇଟଲ ଜିତିଥିଲା। ସ୍ପେନ୍ ଏଥର ସମାନ ପ୍ରୟାସ କରିବ। କିନ୍ତୁ ସେମାନେ ଦୁଇଥର ଚାମ୍ପିଅନ୍ ଫ୍ରାନ୍ସର ସମ୍ମୁଖୀନ ହେବେ, ଯେଉଁମାନେ ଚଳିତ ବର୍ଷ ଉତ୍କୃଷ୍ଟ ଫୁଟବଲ୍ ଖେଳୁଛନ୍ତି। ସ୍ପେନ୍ ୨୦୧୮ରେ ଟାଇଟଲ୍ ଜିତିଥିଲା ଏବଂ ୨୦୨୨ରେ ଫାଇନାଲରେ ପହଞ୍ଚିଥିଲା। କାଇଲିଆନ୍ ଏମବାପେଙ୍କ ଭଳି ତାରକା ଖଚିତ ଦଳ ଗର୍ବ କରୁଥିବା ଫ୍ରାନ୍ସକୁ ପରାସ୍ତ କରିବା ଏହି ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପ୍ରମାଣିତ ହୋଇପାରେ। ଏହି ମ୍ୟାଚ୍‌ରେ ସ୍ପେନ୍ ଏବଂ ବେଲଜିୟମ୍ ଉଭୟ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା ଏବଂ ସେ ତାହା କରିଛନ୍ତି। ରୁଇଜ୍ ସ୍ପେନ୍ ପାଇଁ ପ୍ରଥମ ଗୋଲ ସ୍କୋର କରି ୩୦ତମ ମିନିଟରେ ସେମାନଙ୍କୁ ଆଗୁଆ କରିଥିଲେ। ୟାମାଲ ମଧ୍ୟ ଏହି ଗୋଲରେ ଅବଦାନ ରଖିଥିଲେ। ୟାମାଲ ଏବଂ ପେଡ୍ରୋ ପୋରୋ ବଲ୍ ବକ୍ସ ଭିତରକୁ ପଠାଇଥିଲେ। ପେଡ୍ରୋ ତା'ପରେ ଡାନି ଓଲମୋଙ୍କୁ ପାସ୍ ଦେଇଥିଲେ, ଯାହାଙ୍କ ପ୍ରୟାସକୁ ବେଲଜିୟମ୍ ଗୋଲକିପର ପ୍ରତ୍ୟାଖ୍ୟାନ କରିଥିଲେ। ବଲ୍ ରୁଇଜ୍ ହାତରେ ପଡ଼ିଥିଲା, ଯିଏ ବଲ୍ ଜାଲରେ ପକାଇବାରେ କୌଣସି ଭୁଲ କରିନଥିଲେ। ବେଲଜିୟମ୍ ହାର ମାନି ନଥିଲା ଏବଂ ସେମାନଙ୍କର ପ୍ରୟାସ ଜାରି ରଖିଥିଲା। ଶେଷରେ ୪୧ତମ ମିନିଟରେ ସଫଳତା ହାସଲ କରିଥିଲା। ଚାର୍ଲ୍ସ ଡି କେଟେଲାଏର କୋର୍ସିଙ୍କଠାରୁ ବଲ୍ ସଂଗ୍ରହ କରି ଏକ ଶକ୍ତିଶାଳୀ ସଟ୍ ସାହାଯ୍ୟରେ ନେଟ୍ ଭିତରକୁ ପଠାଇ ବେଲଜିୟମକୁ ସମାନ ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧଟି ଅଗ୍ରଣୀ ହାସଲ ଏବଂ ବଜାୟ ରଖିବା ପାଇଁ ଏକ ସଂଘର୍ଷ ଥିଲା। ଏହି ସମୟରେ, ବେଲଜିୟମର କିମ୍ବଦନ୍ତୀ ଗୋଲକିପର ଥମାସ କୋର୍ଟଇସ୍ ୭୧ତମ ମିନିଟରେ ଆହତ ହୋଇଥିଲେ।

# ମେସିଙ୍କ ସମକକ୍ଷ ହେଲେ ଏମ୍‌ବାପେ

**ବୋଷ୍ଟନ୍,୧୧।୭ :** ଚଳିତ ଫିଫା ବିଶ୍ୱକପ୍ ?ର ପ୍ରଥମ କ୍ୱାର୍ଟରଫାଇନାଲ୍ ?ରେ ବାଜି ମାରି ନେଇଛି ୨୦୨୨ ମସିହାର ଉପବିଜେତା ଫ୍ରାନ୍ସ। କିଲିଆନ୍ ଏମ୍ ବାପେଙ୍କ ଦଳ ୪ ବର୍ଷ ତଳର ପ୍ରଦର୍ଶନକୁ ଦୋହରାଇ ସେମିଫାଇନାଲ୍‌ରେ ପହଞ୍ଚିଯାଇଛି। କତର ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ସମାନ ମରକ୍‌କୋକୁ ହରାଇ ଫ୍ରାନ୍ସ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଗୁରୁବାରର ପ୍ରଥମ କ୍ୱାର୍ଟରଫାଇନାଲ୍‌ରେ ଏହି ୟରୋପୀୟ ମହାଶକ୍ତି ୨-୦ ଗୋଲ୍‌ରେ ମରକ୍‌କୋକୁ ପରାସ୍ତ କରି ତୃତୀୟ ଥର ଟ୍ରଫି ତୋଳି ଧରିବା ସୁଯୋଗଠାରୁ ୨ଟି ବିଜୟ ଦୂରରେ ରହିଛି। ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ଫ୍ରାନ୍ସ ଏକାଧିକ ସୁଯୋଗ ହାତଛଡା କରିବା ସହ ପ୍ରଥମାର୍ଦ୍ଧକୁ ଗୋଲଶୂନ୍ୟରେ ଶେଷ କରିଥିଲା। ବିଶେଷ କରି ବିଶ୍ୱକପର ନକ୍‌ଆଉଟ୍‌ରେ ଚମତ୍କାର ପ୍ରଦର୍ଶନ କରି ଆସୁଥିବା କିଲିଆନ ଏମ୍‌ବାପେ ଏକ ପେନାଲ୍ଟି ମିସ୍ କରିବା ଦଳ ପାଇଁ ନିରାଶଜନକ ସ୍ଥିତି ଆଣି ଦେଇଥିଲା। ଏହା ପୂର୍ବରୁ ଓ ପରେ ମଧ୍ୟ ଏମବାପେଙ୍କ ଏକାଧିକ ପ୍ରୟାସ ଗୋଲ୍ ପୋଷ୍ଟ ବାହାରକୁ ମାରି ଖରାପ ସମୟ ଦେଇ ଗତି କରିଥିଲେ। ପ୍ରଥମାର୍ଦ୍ଧ ପରେ କିନ୍ତୁ ଏମ୍‌ବାପେ ଏବଂ ଡେମ୍ବଲଙ୍କ ସୁନ୍ଦର ଗୋଲ୍ ଫ୍ରାନ୍ସକୁ ପ୍ରାଧାନ୍ୟ ବିସ୍ତାର ସହ ଆଶ୍ୱସ୍ତ କରିଥିଲା। ୬୦ ମିନିଟରେ ଏମ୍‌ବାପେଙ୍କ ଏକ ଲମ୍ବା କିକ୍ ମରକ୍‌କୋର ସାହସୀ



ଗୋଲରକ୍ଷକ ବୋନୋଙ୍କୁ ପରାସ୍ତ କରିଥିଲା। ଏମ୍‌ବାପେଙ୍କ ଏହି ଲକ୍ଷ୍ୟଭେଦୀ ସଟ୍ ପୋଷ୍ଟର ଟପ୍ କର୍ଣ୍ଣର ଦେଇ ଭିତରକୁ ପଶିଯାଇଥିଲା। ୬ ମିନିଟ୍ ପରେ ଓସ୍‌ମାନ୍ ଡେମ୍ବଲ୍ ସମାନ ଷ୍ଟାଇଲ୍‌ରେ ଲମ୍ବା ଦୂରତାରୁ ମରକ୍‌କୋର ରକ୍ଷଣଭାଗକୁ ଭେଦ କରିବା ସହ ବୋନୋଙ୍କ ବାମପାର୍ଶ୍ୱରେ ବଲ୍‌କୁ ନେଟ୍ ଭିତରକୁ ପଠାଇ ଦେଇଥିଲେ। ନରୱେ ବିପକ୍ଷରେ ପ୍ରଥମ ୩୨ ମିନିଟ୍ ଭିତରେ ହ୍ୟାଟ୍ରିକ୍ ଅର୍ଜନ କରିଥିବା ଡେମ୍ବଲ୍ ପୁଣି ଥରେ ଏହି ଫକ୍ସବରୋ ଷ୍ଟାଡିୟମ୍‌ରେ ଚମକ ଛାଡିଥିଲେ। କ୍ୱାର୍ଟରଫାଇନାଲ୍ ଗୋଲ ସହିତ ଏମବାପେ ମଧ୍ୟ ଚଳିତ ସଂସ୍କରଣରେ ଲିଓନେଲ୍ ମେସି (୮ ଗୋଲ୍)ଙ୍କ ସମକକ୍ଷ ହୋଇଛନ୍ତି। ବିଶ୍ୱକପର ନକ୍‌ଆଉଟ ମ୍ୟାଚ୍‌ରେ ୧୧ ମ୍ୟାଚ୍‌ରୁ ୧୨ ଗୋଲ୍ ଦେଇ ଏମ୍‌ବାପେ ମଧ୍ୟ ନିଜକୁ ବଡ ମ୍ୟାଚ ଖେଳାଳି ବୋଲି ପୁଣି ଥରେ ପ୍ରମାଣିତ କରିଛନ୍ତି। ଏହି ମ୍ୟାଚ୍‌ରେ ମରକ୍‌କୋର ଯୁବ ଖେଳାଳି ଆୟୁବ ବୋଆଡି ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱକପ୍ କ୍ୱାର୍ଟରଫାଇନାଲ୍ ଖେଳିଥିଲେ। ଆୟୁବଙ୍କ ବୟସ ଏବେ ୧୮ ବର୍ଷ ୨୮୦ ଦିନ ହୋଇଥିବାବେଳେ ୧୯୫୮ ମସିହାରେ ପେଲେ ୧୭ ବର୍ଷ ୨୩୯ ଦିନରେ ୱେଲ୍ସ ବିପକ୍ଷରେ ଖେଳି ଶୀର୍ଷରେ ରହିଛନ୍ତି। ଆୟୁବ ମଧ୍ୟ କୌଣସି ଆଫ୍ରିକୀୟ ଦେଶ ମଧ୍ୟରେ ସର୍ବକନିଷ୍ଠ ଖେଳାଳି ଭାବେ ୫ଟି ବିଶ୍ୱକପ୍ ମ୍ୟାଚ୍ ଖେଳିଥିଲେ।

# ବେଲଜିୟମ ଗସ୍ତ ପାଇଁ ଜୁନିୟର ଭାରତୀୟ ପୁରୁଷ ହକି ଟିମ୍

**ଭୁବନେଶ୍ୱର,୧୧।୭ :** ଓଡିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଏନ୍ ଟିଏଚ୍‌ଏଚପିସି)କୁ ଆଉ ଏକ ବଡ ସଫଳତା ମିଳିଛି। ବେଲଜିୟମ ଗସ୍ତ ପାଇଁ ମନୋନୀତ ହୋଇଥିବା ଜୁନିୟର ଭାରତୀୟ ପୁରୁଷ ହକି ଦଳରେ ଓଏନ୍ ଟିଏଚଏଚ୍ ପିସିର ୭ ଜଣ କ୍ୟାଡେଟ୍ ସାମିଲ ହୋଇଛନ୍ତି। ଜୁଲାଇ ୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ ଅନୁଷ୍ଠିତ ହେବ। ଓଡିଶା ନାଭାଲ ଟାଟା ହକି ଏକାଡେମୀର ପ୍ରତିଭାବାନ ଖେଳାଳି ଅନମୋଲ ଏକ୍କା ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ଅନମୋଲଙ୍କ ସମେତ ସେଣ୍ଟରର ଅନ୍ୟ ୬ ଜଣ କ୍ୟାଡେଟ୍ ବିବେକ ଲାକ୍ରା, ରୋହିତ କୁଲୁ, ଅଦ୍‌ରୋହିତ ଏକ୍କା, ସଞ୍ଜିତ ତିର୍କୀ, ଆର୍ଯ୍ୟନ ଖେସ ଏବଂ ମୁକେଶ ଟପ୍ପ ? ଏହି ଟିମ୍‌ରେ ସାମିଲ ହୋଇଛନ୍ତି।

ଓଡିଶା ସରକାର, ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଭାଗିତାରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଆଜି ଦେଶର ଅଗ୍ରଣୀ ହକି ବିକାଶ ଏକାଡେମୀ ଭାବେ ପରିଚୟ ସୃଷ୍ଟି କରିଛି। ଏଚ୍‌ପିସିର ୭ ଜଣ ଖେଳାଳି ଜାତୀୟ ଦଳ ପାଇଁ ମନୋନୀତ ହେବା ଓଏନ ଟିଏଚ୍



ଏଚପିସିର ଏକ ଉଲ୍ଲେଖନୀୟ ସଫଳତା। ଏଠାରେ ଯୁବ ଆଥଲେଟ୍ ମାନଙ୍କୁ ବିଶ୍ୱସ୍ତରୀୟ କୋଚିଂ, ବୈଜ୍ଞାନିକ ପ୍ରଶିକ୍ଷଣ ପଦ୍ଧତି ଏବଂ ହାଇ-ପରଫର୍ମାନ୍ସ ଇକୋସିଷ୍ଟମ ପ୍ରଦାନ କରାଯାଉଛି। ଯାହା ଏଠାକାର କ୍ୟାଡେଟଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି। ଏହି ବେଲଜିୟମ ଗସ୍ତ, ଜୁନିୟର ଭାରତୀୟ ପୁରୁଷ ଦଳକୁ ୟୁରୋପୀୟ ଖେଳାଳୀଙ୍କ ବିପକ୍ଷରେ ଖେଳିବାର ସୁଯୋଗ ଦେବା ସହ ଆଗାମୀ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତ କରିବ। ଜାତୀୟ ଟିମରେ ମନୋନିତ ସମସ୍ତ ଖେଳାଳିଙ୍କୁ ଓଡିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର ପକ୍ଷରୁ ଶୁଭେଚ୍ଛା ଜଣାଯିବା ସହ ଭାରତୀୟ ଟିମ୍‌ର ବିଜୟ କାମନା କରାଯାଇଛି।

# ନେକ୍ସସ ଏସପ୍ଲାନେଡ଼ରେ ବର୍ଷ ପୂର୍ତ୍ତି ପାଳନ

**ଭୁବନେଶ୍ୱର,୧୧।୭ :** ନେକ୍ସସ ଏସପ୍ଲାନେଡ୍, ସହରର ସବୁଠାରୁ ପସନ୍ଦଯୋଗ୍ୟ ଲାଇଫଷ୍ଟାଇଲ ଗନ୍ତବ୍ୟସ୍ଥଳ ଆସନ୍ତା ୧୨ ଜୁଲାଇରେ ନିଜର ୮ମ ବାର୍ଷିକୋତ୍ସବ ପାଳନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ସଫଳତା ସହ ଗ୍ରାହକମାନଙ୍କ ପାଇଁ ବହୁ ପ୍ରତିକ୍ଷିତ ଫ୍ଲାଟ ୫୦% ରିହାତିର ଏକ ସ୍ୱତନ୍ତ୍ର ଅଫର ଅଣାଯାଇଛି, ଯାହା ଗ୍ରାହକମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବ। ଏହି ବାର୍ଷିକୋତ୍ସବ ସପ୍ତାହାନ୍ତରେ ଗ୍ରାହକମାନେ ଆଇକନିକ୍, ଲାଇଫ ଷ୍ଟାଇଲ, ରେଗାଲ, ନାଏକା, ହେଲ୍‌ଥ ଆଣ୍ଡ ଗ୍ଲୋ, ଆଇଏନସି ୫, ପୁମା, ବିବା, ମାର୍କସ ଆଣ୍ଡ ସ୍ପେନ୍ସର, ହୋମ ସେୟାର, ଅରୁଲିଆ, ଆଲେନ ସୋଲି, ଡ଼୍ବ୍ଲୁ ଭଳି ଅନେକ ପ୍ରମୁଖ ବ୍ରାଣ୍ଡରୁ ଆକର୍ଷଣୀୟ ଅଫରର ଲାଭ ଉଠାଇ କେବଳ ସପିଙ୍ଗ ନୁହେଁ ବରଂ ଅନେକ କିଛି ସ???ୟ ମଧ୍ୟ କରିପାରିବେ। ଏହି ମାଇଲଖୁଣ୍ଟକୁ ସ୍ମରଣୀୟ କରିବା ପାଇଁ, ମଲ ପକ୍ଷରୁ ବିଭିନ୍ନ ଆନନ୍ଦଦାୟକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି, ଯେଉଁଥିରେ ଏକ ସ୍ୱତନ୍ତ୍ର ସେଲଫି ଜୋନ, ମନୋରମ ସାଂସ୍କୃତିକ ପ୍ରଦର୍ଶନ ଏବଂ ସବୁ ବୟସବର୍ଗର ଦର୍ଶକଙ୍କ ପାଇଁ ଆକର୍ଷଣୀୟ କାର୍ଯ୍ୟକ୍ରମ ସାମିଲ ରହିଛି। ବାର୍ଷିକୋତ୍ସବର ଏକ ସ୍ୱତନ୍ତ୍ର ଉପହାର ସ୍ୱରୂପ, ମଲକୁ ଆସୁଥିବା ପ୍ରଥମ ୮ଜଣ ଗ୍ରାହକଙ୍କୁ ମାଗଣା ପୁରସ୍କାର ପ୍ରଦାନ କରାଯିବ। ଏହା ସହିତ ନେକ୍ସ ୱାନ ଆପ ବ୍ୟବହାରକାରୀମାନେ ସେମାନଙ୍କ କ୍ରୟ ଉପରେ ଦୁଇଗୁଣା ଅଧିକ ରିୱାର୍ଡ଼ ପଏଣ୍ଟ ପାଇପାରିବେ, ଯାହା ଏହି ଉତ୍ସବକୁ ଆହୁରି ଅଧିକ ଆକର୍ଷଣୀୟ କରିବ।

ଏହି ବାର୍ଷିକୋତ୍ସବ କେବଳ ସପିଙ୍ଗ ନୁହେଁ, ବରଂ ଗ୍ରାହକମାନଙ୍କୁ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବା ପାଇଁ ନେକ୍ସସ ଏସପ୍ଲାନେଡ଼ର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ପ୍ରଥମ ଥର ୱିମ୍ବଲଡନ୍ ଫାଇନାଲ୍‌ରେ ୨ ଚେକ୍ ଖେଳାଳି

**ଲଣ୍ଡନ,୧୧।୭ :** ପ୍ରଥମ ଥର ଲାଗି ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ଫାଇନାଲରେ ୨ ଚେକ୍ ଗଣରାଜ୍ୟ ଖେଳାଳି ମୁହାଁମୁହିଁ ହେବେ। ଶନିବାର ଖେଳାଯିବାକୁ ଥିବା ମହିଳା ଏକକ ଏହି ଫାଇନାଲରେ ଲିଣ୍ଡା ନୋସ୍କୋଭା ଭେଟିବେ ନିଜ ଦେଶର କାରୋଲିନା ମୁଚୋଭାଙ୍କୁ। ସେମିଫାଇନାଲ୍‌ରେ ନବମ ମାନ୍ୟତାପ୍ରାପ୍ତ ୨୧ ବର୍ଷୀୟା ନୋସ୍କୋଭା ସିଧାସଳଖ ୬-୪, ୬-୪ ସେଟ୍‌ରେ ଦ୍ୱାଦଶ ମାନ୍ୟତାପ୍ରାପ୍ତ ୟୁକ୍ରେନର ମାର୍ତା କୋଷ୍ଟ୍ୟୁକଙ୍କୁ ପରାସ୍ତ କରି ପ୍ରଥମ ଥର ଗ୍ରାଣ୍ଡ ସ୍ଲାମ ଫାଇନାଲ୍ ସ୍ଥାନ ନିଶ୍ଚିତ



କରିଥିଲେ। ସେହିଭଳି ଦଶମ ମାନ୍ୟତାପ୍ରାପ୍ତ ମୁଚୋଭା ୬-୨, ୧-୬, ୭-୬ ସେଟ୍ ?ରେ ୨ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ଆମେରିକା କୋକୋ ଗଫ୍‌ଙ୍କୁ ପରାସ୍ତ କରି ପ୍ରଥମ ଥର ଲାଗି ଏଠାରେ ଟ୍ରଫି ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲେ। ଗ୍ରାଣ୍ଡ ସ୍ଲାମ୍‌ରେ ଗୋଟିଏ ରାଷ୍ଟ୍ରରୁ ଦୁଇ ମହିଳା ଖେଳାଳି ଟ୍ରଫି ପାଇଁ ଲଢ଼ିବାରେ ୨୦୧୭ ୟୁଏସ୍ ଓପନ୍ ପରେ ପ୍ରଥମ ଘଟଣା ହେବାକୁ ଯାଉଛି। ୨୦୧୭ରେ ଦୁଇ ଆମେରିକୀୟ ମହିଳା ଖେଳାଳି ସ୍‌ଲୋଆନେ ଷ୍ଟିଫେନ୍ସ ଓ ମାଡିସନ୍ କିଜ୍ ମୁହାଁମୁହିଁ ହୋଇଥିଲେ।

# ହର୍ବାଲାଇଫ୍ ଇଣ୍ଡିଆ ଡେଟ୍ସ କାରାମେଲ୍ ଭାରିଆଣ୍ଟ

**ନୂଆଦିଲ୍ଲୀ,୧୧।୭ :** ଏକ ପ୍ରମୁଖ ସ୍ୱାସ୍ଥ୍ୟ ଓ ୱେଲନେସ୍ କମ୍ପାନି ହର୍ବାଲାଇଫ୍ ଇଣ୍ଡିଆ ଏହାର ଫର୍ମୁଲା ୧ ନ୍ୟୁଟ୍ରିସନାଲ୍ ସେକ୍ ମିକ୍ସ ଶୃଙ୍ଖଳାରେ ଏକ ନୂତନ 'ଡେଟ୍ସ କାରାମେଲ୍' ଭରିଆଣ୍ଟ ସାମିଲ କରିଛି। କାରାମେଲ୍ ଓ ଖଜୁରିର ସ୍ୱାଦକୁ ଘନୀଭୂତ ଖଜୁରି ରସରୁ ପ୍ରସ୍ତୁତ ଡେଟ୍ କ୍ରଞ୍ଚେସର ଅତିରିକ୍ତ ଗଠନ ସହିତ ଏକାଠି ଅଣାଯାଇଛି ଯାହା ଏକ ଆରାମଦାୟକ ସ୍ୱାଦ ଓ ନିର୍ଭରଯୋଗ୍ୟ ଦୈନନ୍ଦିନ ପୋଷଣର ସନ୍ତୁଳନ ପ୍ରଦାନ କରୁଛି। ଉପଭୋକ୍ତାମାନେ ସେମାନଙ୍କ ଦୈନନ୍ଦିନ ଆହାରରେ ସୁବିଧା ଓ ସଙ୍ଗତି ସହିତ ସ୍ୱାଦକୁ ମିଶ୍ରଣ କରୁଥିବା ବିକଳ୍ପଗୁଡିକ ଖୋଜିବା ଜାରି ରଖିଥିବା ସମୟରେ ଏହି ନୂତନ ଉତ୍ପାଦ ଆସିଛି। ଏହା ସହିତ ହର୍ବାଲାଇଫ୍ ଏହାର ବିଦ୍ୟମାନ ଫର୍ମୁଲା ୧ ସ୍ୱାଦ ଶୃଙ୍ଖଳାର ବିସ୍ତାର କରୁଛି ଯେଉଁଥିରେ ଭାନିଲା, ଡଚ ଚକୋଲେଟ୍, ମ୍ୟାଙ୍ଗୋ, କୁଲ୍ଫି ଓ ରୋଜ୍ ଖିର୍ ସାମିଲ ଅଛି ଯାହା ଗ୍ରାହକମାନଙ୍କୁ ସେମାନେ ପୂର୍ବରୁ ବିଶ୍ୱାସ କରୁଥିବା ଉତ୍ପାଦଗୁଡିକ ସହିତ ରହି ନିଜ ପସନ୍ଦ ଅନୁଯାୟୀ ସ୍ୱାଦ ବାଛିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରୁଛି। ଏହି ଶୁଭାରମ୍ଭ ଉପରେ ମନ୍ତବ୍ୟ ଦେଇ ହର୍ବାଲାଇଫ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଜୟ ଖାନ୍ନା କହିଛନ୍ତି ଯେ, "ଆଜି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଉଛି ଯେଉଁଥିରେ ଅଧିକ ଲୋକ ଏପରି ପୋଷଣ ଖୋଜୁଛନ୍ତି ଯାହା କୌଣସି ବୁଝାମଣା ଭଳି ନ ଲାଗି ସେମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀରେ ସ୍ୱାଭାବିକ ଭାବରେ ଖାପ ଖାଇଯିବ। ଆଶା ହେଉଛି ସରଳ ଓ ଏପରି କିଛି ଯାହା ବ୍ୟବହାର କରିବା ସହଜ, ଉପଭୋଗ୍ୟ ଓ ତଥାପି ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରୁଥିବ। ଡେଟ୍ସ କାରାମେଲ୍ ଭରିଆଣ୍ଟ ସହିତ ଆମର ଉତ୍ପାଦ ନବସୃଜନ ମାଧ୍ୟମରେ କ୍ରମବିକଶିତ ଉପଭୋକ୍ତା ପସନ୍ଦଗୁଡିକର ପ୍ରତିକ୍ରିୟା ଦେବା ଉଦ୍ଦେଶ୍ୟ ଥିଲା ଯାହା ଫର୍ମୁଲା ୧ ଶୃଙ୍ଖଳା ପାଇଁ ଜଣାଶୁଣା ସନ୍ତୁଳିତ ପୋଷଣ ସହିତ ସତ୍ୟ ରହି ଅଧିକ ପସନ୍ଦ ପ୍ରଦାନ କରିଥାଏ। ଏହା ଏପରି ଏକ ଉପାୟରେ ଅଧିକ ପସନ୍ଦ ପ୍ରଦାନ କରିବା ବିଷୟ ଯାହା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ ସହିତ ସଙ୍ଗତି ରକ୍ଷା କରିବାରେ ସାହାଯ୍ୟ କରିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ